**ସଂକ୍ଷେପରେ**

## ଓଡିଆ ଭାଷା ସାହିତ୍ୟର ବିକାଶ ପାଇଁ ଫକୀର ମୋହନଙ୍କ ଅବଦାନ ଅତୁଳନୀୟ

**ରାଜକନିକା,୧୫।୧(ଡି.ଏନ.ଏ.) :** ଓଡିଆ ଭାଷା ସାହିତ୍ୟର ସମୃଦ୍ଧି ପାଇଁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଅବଦାନ ଅତୁଳନୀୟ । ତାଙ୍କ କାଳଜୟୀ ସାହିତ୍ୟ ଯୁଗ ଯୁଗ ଧରି ବଞ୍ଚି ରହିବ ବୋଲି ରାଜକନିକା ବ୍ଲକ ଅଧୀନ କଣ୍ଡିଆହାଟସ୍ଥିତ ଖରସ୍ରୋତା ସାଂସ୍କୃତିକ ପରିଷଦ ପକ୍ଷରୁ ବୁଧବାର ଅପରାହ୍ନରେ ଆୟୋଜିତ ଫକୀରମୋହନ ଜୟନ୍ତୀ ଉତ୍ସବରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି । ଫକୀରମୋହନଙ୍କ ପାଇଁ ଆଜି ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିପାରିଛି ବୋଲି କହିବା ସହିତ ତାଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । ଖରସ୍ରୋତା ସାଂସ୍କୃତିକ ପରିଷଦର ସଭାପତି ଲକ୍ଷ୍ମୀଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ହାଟସାହି ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପରୀକ୍ଷିତ ପଡିଆରୀ, ଖରସ୍ରୋତା ସାଂସ୍କୃତିକ ପରିଷଦର ସଂପାଦକ ନିରଞ୍ଜନ ବେହେରା, ସଂଗଠକ ସଂପାଦକ ପଣ୍ଡିତ ଗୋଲକ ବିହାରୀ ନାୟକ, ଇଶାନେଶ୍ୱର ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବିଦ୍ୟାଧର ଦାସ, ଏନ. ବେହେରା, ହାଟସାହି କୃଷି ସମବାୟ ସମିତିର ସଂପାଦକ ଲୋକନାଥ ସାମଲ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିବରାମ ଦାସ, ଚରପଡା କୃଷି ସମବାୟ ସମିତିର ସଭାପତି ପ୍ରଦୀପ୍ତ ଜେନା, ବୈଷ୍ଣବ ଚରଣ ମିଶ୍ର , ନନ୍ଦିନୀ ମଲିକ ପ୍ରମୁଖ ଯୋଗ ଦେଇଥିଲେ ।

### ■ ଲୁଣା କରାଣ୍ଡିଆ ଦ୍ୱୀପାଞ୍ଚଳରେ ମକର ମହୋତ୍ସବ

# ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେବା ଆବଶ୍ୟକ : ରାଜ୍ୟପାଳ

**ମାର୍ଶାଘାଇ,୧୫।୧(ଡି.ଏନ୍.ଏ.)**

ରାଜ୍ୟର ଅନେକ ସ୍ଥାନରେ ଗମନାଗମନ ପାଇଁ ରାସ୍ତାଘାଟର ସୁବିଧା ନ ଥିବା ବେଳେ ବିଭିନ୍ନ ସମସ୍ୟା ରହିଛି । ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ବହୁ ଅଞ୍ଚଳ ଅବହେଳିତ ଅବସ୍ଥାରେ ଅଛି । ଏହାର କିପରି ସମାଧାନ କରାଯିବ ସେଥିପ୍ରତି ବିଭାଗୀୟ ମନ୍ତ୍ରୀ ଓ ବିଧାୟକ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମତବ୍ୟକ୍ତ କରିଛନ୍ତି । ବୁଧବାର ରାଜ୍ୟପାଳ ଲାଲ୍ ମାର୍ଶାଘାଇ ବ୍ଲକ ଲୁଣା କରାଣ୍ଡିଆ ଦ୍ୱୀପାଞ୍ଚଳର ପକ୍ଷୋଟ ଗ୍ରାମରେ ଆୟୋଜିତ ମକର ମହୋତ୍ସବକୁ ଉଦ୍‌ଘାଟନ କରି ଏହା କହିଛନ୍ତି । ଅବହେଳିତ ଅବସ୍ଥାରେ ଥିବା ଏହି ଦ୍ୱୀପାଞ୍ଚଳରେ ଏଭଳି



ମକର ମହୋତ୍ସବରେ ରାଜ୍ୟପାଳ ଓ ଅନ୍ୟମାନେ ।

ମହୋତ୍ସବ ଆୟୋଜନକୁ ମୁଖ୍ୟଅତିଥି ରାଜ୍ୟପାଳ ଲାଲ ପ୍ରଶଂସା କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଭାଇଚାରା ସୃଷ୍ଟି କରିବାରେ ସହାୟକ ହେବ ବୋଲି କହିଥିଲେ । ଏଥିସହିତ ଗ୍ରାମାଞ୍ଚଳରେ ନଦୀବନ୍ଧ ରାସ୍ତାର ଉନ୍ନତୀକରଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ରାଜନେତାମାନେ ସାଧାରଣ ଜନତାଙ୍କ ସହ ସବୁ ସମୟରେ ରହିବାକୁ ହେଲେ ଲୋକଙ୍କ ପ୍ରକୃତ ସମସ୍ୟାର ସମାଧାନ କରିବାର ବାଟ ଖୋଜିବା ଦରକାର ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ରଘୁ ନନ୍ଦନ ଦାସଙ୍କ, ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ , ଯୁବନେତା ସଞ୍ଜୟ ଅଗ୍ରୱାଲା, ପ୍ରମୋଦ କୁମାର ରଥ, ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା, ରବି ସାମଲ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ମହୋତ୍ସବ କମିଟି ସଭାପତି ମୃତ୍ୟୁଞ୍ଜୟ ମହାନ୍ତି , ସମ୍ପାଦକ ଅମରେନ୍ଦ୍ର ରାଉତଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଏହି ମହୋତ୍ସବ ଆଡମ୍ବର ସହକାରେ ପାଳନ କରାଯାଉଛି ।

# ଭିଡ଼ରୁ ଲୁଟିଲେ ସୁନା ଅଳଙ୍କାର, ୨ ମହିଳା ଅଟକ

**କେନ୍ଦ୍ରାପଡା ଅଫିସ, ୧୫।୧**

ମକର ସଂକ୍ରାନ୍ତି ପାଇଁ ବୁଧବାର ଇଛାପୁରସ୍ଥିତ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥିଲା । ଏହାର ସୁଯୋଗ ନେଇ ଲୁଟେରା ଦଳ ପ୍ରାୟ ୧୫୦ ଗ୍ରାମରୁ ଅଧିକ ସୁନା ଅଳଙ୍କାର ଲୁଟି ନେଇଛନ୍ତି । ତେବେ ଏହି ଦଳର ୨ ମହିଳା ସଦସ୍ୟ ସୁନା ଅଳଙ୍କାର ଲୁଟିବା ସମୟରେ ଲୋକଙ୍କ ନଜରରେ ପଡି ଥାନାରେ ଅଟକ ଅଛନ୍ତି । ଜଣେ ବରହମପୁର ଓ ଅନ୍ୟ ଜଣେ ପଶ୍ଚିମବଙ୍ଗର ବୋଲି ସେମାନଙ୍କ କଥାବାର୍ତ୍ତାରୁ ଜଣାପଡିଛି । ଅପରପକ୍ଷରେ ଟାଉନ ଥାନାରେ ୧୨ ଜଣ ଲୋକ ସୁନା ଅଳଙ୍କାର ଲୁଟ ହୋଇଥିବା ନେଇ ଅଦ୍ୟାବଧି ଲିଖିତ ଅଭିଯୋଗ କରିଛନ୍ତି । ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଜଣେ ବଙ୍ଗୀୟ ମହିଳା ମନ୍ଦିର ଭିତରୁ ଧରା ପଡିଛନ୍ତି । ସେହିପରି ଅନ୍ୟ ଜଣେ ମହିଳା ଲୁଟେରା ମଧ୍ୟାହ୍ନରେ ଧରା ହୋଇଛନ୍ତି । ପ୍ରଥମେ ସେମାନଙ୍କୁ ଇଛାପୁର ଫାଣ୍ଡିରେ ରଖା ଯାଇଥିବା ବେଳେ ପରେ ଟାଉନ ଥାନାକୁ ସ୍ଥାନାନ୍ତର କରାଯାଇଛି ।

ଟାଉନ ଥାନାରେ ମଧ୍ୟାହ୍ନ ସୁଦ୍ଧା ଯାଜପୁର ଜିଲାର ବିଞ୍ଝାରପୁର ଥାନା ଅନ୍ତର୍ଗତ ସୁନ୍ଦରପୁର ଗ୍ରାମର ଇନ୍ଦୁରେଖା ନାୟକଙ୍କ ବେକରୁ ୩୨ଗ୍ରାମର ସୁନାଚେନ ଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ସେହିପରି ପଟ୍ଟାମୁଣ୍ଡାଇ ଥାନା ଶ୍ରୀରାମପୁର ଗ୍ରାମର ଉଷାରାଣୀ ମଲ୍ଲିକଙ୍କ ବେକରୁ ୧୫ଗ୍ରାମର ସୁନାଚେନ, ମାର୍ଶାଘାଇ ଥାନା ବଡକୂଳ ଗ୍ରାମର ମନୋରମା ମହାରଣାଙ୍କ ବେକରୁ ୧୨ ଗ୍ରାମର ସୁନାଚେନ, ଟାଉନ ଥାନା କଜଳା ଗ୍ରାମର ତିଳୋତ୍ତମା ପରିଡାଙ୍କ ବେକରୁ ୧୬ ଗ୍ରାମ ଓଜନର ଏକ ସୁନା ଚେନ ଲୁଟ ହୋଇଥିବା ଅଭିଯୋଗ ହୋଇଛି । ଏମାନଙ୍କ ବ୍ୟତୀତ ଅନ୍ୟ ୮ ଜଣ ସୁନା ଅଳଙ୍କାର ଓ ପର୍ସ ଚୋରି ହୋଇଥିବା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ଏସ.କେ. ଲାକ୍ରା ସୂଚନା ଦେଇଛନ୍ତି ଯେ, ଏହି ଲୁଟେରା ଦଳରେ ମୋଟ ୮ ଜଣ ସଦସ୍ୟ ଅଛନ୍ତି । ଲୁଟ ପରେ ସାମଗ୍ରୀକୁ ତୁରନ୍ତ ଅନ୍ୟ ସଦସ୍ୟଙ୍କୁ ହସ୍ତାନ୍ତର କରିଛନ୍ତି ।

# ୬୪ ବ୍ୟଞ୍ଜନରେ ଆପ୍ୟାୟିତ ହେଲେ ଶ୍ରୀଗୋପୀନାଥଜୀଉ

**କେନ୍ଦ୍ରାପଡା ଅଫିସ, ୧୫।୧**


ଠାକୁରଙ୍କ ନିକଟରେ ଭୋଗ ଲାଗି କରାଯାଇଛି ।

ମକର ସଂକ୍ରାନ୍ତି ଉପଲକ୍ଷେ କେନ୍ଦ୍ରାପଡା ବ୍ଲକ ଚଉଦକୁଲାଟସ୍ଥ ପରମ ଆରାଧ୍ୟ ଶ୍ରୀ ଗୋପୀନାଥଜୀଉଙ୍କ ପୀଠରେ ୬୪ ପ୍ରକାର ବ୍ୟଞ୍ଜନ ବୁଧବାର ଲାଗି ହୋଇଛି । ଏହି ପର୍ବରେ ସାମିଲ ହେବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ମନ୍ଦିରର ପ୍ରଥା ଅନୁଯାୟୀ ପ୍ରତ୍ୟୁଷରେ ବେଢା ଶୋଧନ ହୋଇଥିଲା । ଶ୍ରୀଜୀଉଙ୍କ ରୀତିନୀତି ଅନୁଯାୟୀ ସ୍ନାନ, ମଇଲମ ସହ ଆଳତି ସମ୍ପନ୍ନ ହୋଇଥିଲା । ଏହି ଅବସରରେ ନିକଟସ୍ଥ ଶ୍ରୀରାଧାକାନ୍ତ ମନ୍ଦିରରୁ ଶ୍ରୀ ଗୋପୀନାଥଜୀଉଙ୍କ ଝିଅ ଜ୍ୱାଇଁ (ରାଧାକୃଷ୍ଣ)ଙ୍କୁ ଏକ ବିମାନ ଯୋଗେ ଅଣାଯାଇଥିଲା । ଏଠାରେ ଭେଟଘାଟ ପରେ ବ୍ୟଞ୍ଜନ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଅନ୍ନ, ମହୁର, ଶାକର, ଖିରି, ମାଲପୁଆ ଆଦି ମିଷ୍ଟାନ୍ନ ଦ୍ରବ୍ୟ ଏଥିରେ ସାମିଲ ହୋଇଥିଲା । ଏହି ପ୍ରସାଦ ଶ୍ରଦ୍ଧାର ସହ ଭକ୍ଷଣ କଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ ବୋଲି ମୁଖ୍ୟ ପୂଜକ ବାବାଜୀ ମିଶ୍ର କହିଛନ୍ତି । ଏହି ଅବସରରେ ମନ୍ଦିର ବେଢ଼ାରେ ଭଜନ ଓ କୀର୍ତ୍ତନ ହୋଇଥିବା ବେଳେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଭଗବାନ ମହାନ୍ତି, ନିମାଇଁ ଚରଣ ମହାନ୍ତି, ବଙ୍କିମ ମହାନ୍ତି, ଉମେଶ ଚନ୍ଦ୍ର ମହାନ୍ତି, ପ୍ରକାଶ ଚନ୍ଦ୍ର ମହାନ୍ତି, ଦେବାଶିଷ ମହାନ୍ତି, ଦୁର୍ଗାଶିଷ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା



ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

**ଆଳି,୧୫।୧(ଡି.ଏନ.ଏ)**

ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଆଳି ଠାରେ ବୁଧବାର ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କର ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା । କେନ୍ଦ୍ରାପଡା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏହି ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଆଳି ବ୍ଲକ ଶିକ୍ଷା ଅଧିକାରୀ ସରୋଜକାନ୍ତ ବିହାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମେଣ୍ଟପୁର ପଞ୍ଚାୟତରେ ଥିବା ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମେଣ୍ଟପୁର ଗ୍ରାମ ପଞ୍ଚାୟତ ହାଇସ୍କୁଲର ଛାତ୍ରୀଛାତ୍ରମାନେ ବିଦ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ଆଳି ନୂଆବଜାର ପରିକ୍ରମା କରିବା ପରେ ବ୍ରଜସୁନ୍ଦର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପହଞ୍ଚି ଥିଲେ । ବ୍ଲକ ଶିକ୍ଷା ଅଧିକାରୀ ବିହାରୀଙ୍କ ଅଧକ୍ଷତାରେ ସେଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରାପଡା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସହକାରୀ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ଟ୍ରାଫିକ ସବ୍ ଇନ୍ସପେକ୍ଟର ଦେବାଶିଷ ନାୟକ,ଜୁନିୟର ଏମ ଭି ଆଇ ପଦ୍ମଜା ମହାନ୍ତି, ଆଳି ଥାନା ଆଇଆଇସି ସଲିଳ କୁମାର ପ୍ରଧାନ, ବିଆରସିସି ପାବନୀ କୁମାର ରାଉତ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ରାସ୍ତାର ବିଭିନ୍ନ ନିୟମ ବିଷୟରେ ସଚେତନ କରାଇଥିଲେ । ଏହି ସଭାରେ ଉପରୋକ୍ତ ଦୁଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ମହାନ୍ତି ଓ ଇଫତେକାର ଆଦିଲ ଏବଂ ବିଦ୍ୟାଳୟର ଶିକ୍ଷକ ପଦ୍ମନାଭ ମହାଳିକ, ସୁନିମା ସିଂହ, ନାରାୟଣ ପୁଝାରୀ, ମୋନାଲିସା ବେହେରା, ପ୍ରମୋଦ ମଲିକ, ସେକ୍ ତଫିକ, ସେକ ସଫିକ ଓ ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆଳି ପୋଲିସ ଏସଆଇ ସୌମ୍ୟ ରଞ୍ଜନ ପାଣିଗ୍ରାହୀ,ଏଏସ ଆଇ ଅଶୋକ କୁମାର ଲେଙ୍କା ପ୍ରମୁଖ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ସୁରକ୍ଷିତ ଭାବେ ଯିବା ଓ ଆସିବାରେ ସହଯୋଗ କରିଥିଲେ ।

# ଚନ୍ଦ୍ରମୌଳିଙ୍କ ପୀଠରେ ମକର ବେଢ଼ା ପରିକ୍ରମା କଲେ ୨୦ ହଜାର ଶ୍ରଦ୍ଧାଳୁ

**ପଟ୍ଟାମୁଣ୍ଡାଇ,୧୫।୧(ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକ ଉତିକଣ ଅଞ୍ଚଳର ଚନ୍ଦ୍ରମୌଳିଙ୍କ ପୀଠରେ ବୁଧବାର ମକର ଯାତ୍ରା ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ୨୦ହଜାର ଶ୍ରଦ୍ଧାଳୁ ମକର ବେଢା ପରିକ୍ରମା କରିଥିଲେ । ସୁସଜ୍ଜିତ ବିମାନରେ ଶ୍ରୀ ଚନ୍ଦ୍ରମୌଳି ଓ ମାତା ପାର୍ବତୀଙ୍କୁ ପଣ୍ଡାମାନେ ଅଧିଷ୍ଠିତ କରାଇ ମକର ବେଢା ପରିକ୍ରମା କରିଥିଲେ । ରାଜନଗର ବିଧାୟକ ଧ୍ରୁବ ସାହୁ, ମନ୍ଦିର ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ସିଂହ, କିଶୋର ସାହୁ, ମନୋଜ ନାୟକ, ସୁରେଶ ପଣ୍ଡା, ଦେବବ୍ରତ ଦାସ, ସୁବାସ ଚନ୍ଦ୍ର ଦାସ, ପ୍ରଫୁଲ୍ଲ ପ୍ରଧାନ, ଚାଷୀ ମୂଲିଆ ସଂଘର ଆବାହକ ଭି. ରାଉତରାୟଙ୍କ ସମେତ ବହୁ ଶ୍ରଦ୍ଧାଳୁ ବେଢା ପରିକ୍ରମାରେ ସାମିଲ ହୋଇଥିଲେ । ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ଦଳ ସହିତ ଶ୍ରଦ୍ଧାଳୁମାନଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ମନ୍ଦିରର ବଡପଣ୍ଡା କୁଳମଣି ପଣ୍ଡା, ପ୍ରଦୀପ ପଣ୍ଡା, ନିତ୍ୟାନନ୍ଦ ପଣ୍ଡା ମନ୍ଦିର ଉପରେ ନୂତନ ପତାକା ବାନ୍ଧିଥିଲେ । ଏହି ମକର ପର୍ବରେ ମାନସିକ ବ୍ରତ କରିଥିବା ଶ୍ରଦ୍ଧାଳୁମାନେ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ । ମନ୍ଦିର ଆଗରେ ବିଭିନ୍ନ ବ୍ୟବସାୟୀ ସେମାନଙ୍କ ପସରା ମେଲାଇ ବସିଥିବା ବେଳେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଯାତ୍ରୀମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପୋଲିସ ମୁତୟନ କରାଯାଇଥିଲା । ଭୋର ୪ଟା ବେଳେ ମଙ୍ଗଳ ଆଳତି, ମହାସ୍ନାନ, ଅବକାଶ, ସାହାଣ ମେଲା, ଦିନ ୧୧ଟା ବେଳେ ପହଡକିଆ ଧୂପ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ଆରତି ପରେ ନବାହ୍ନ ଧୂପ ଅର୍ପଣ, ରାତିରେ ପୋଡପିଠା, ଦହିପଖାଳ, କାକରା ଭୋଗ ଲାଗି ହୋଇଥିଲା । ମନ୍ଦିରର ସେବାୟତ ଦୋଳଗୋବିନ୍ଦ ପଣ୍ଡା, ଲକ୍ଷ୍ମୀକାନ୍ତ ପଣ୍ଡା, ଅନାଦି ପଣ୍ଡା, ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ମକରଯାତ୍ରାରେ ସହଯୋଗ କରିଥିଲେ । ଏହାଛଡା ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ଶୈବପୀଠ ଓ ଜଗନ୍ନାଥ ମନ୍ଦିରରେ ମକର ସଂକ୍ରାନ୍ତି ପାଳିତ ହୋଇଯାଇଛି ।


ଚନ୍ଦ୍ରମୌଳିଙ୍କ ପୀଠରେ ବେଢା ପରିକ୍ରମା ।

# ପଞ୍ଚୁପାଣ୍ଡବରେ ବାଦୀପାଲା ମହୋତ୍ସବ ଉଦ୍‌ଯାପିତ

**ଡେରାବିଶ,୧୫।୧(ସ୍ୱପ୍ର)**

ଉତ୍କଳୀୟ ଜନଜୀବନକୁ ସମୃଦ୍ଧି କରିଥିବା ଓଡିଶାର ଲୋକକଳା ପାଲା ସାମାଜିକ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିଛି । ପାଲା ଗାୟକମାନେ ପାଲା ମାଧ୍ୟମରେ ସମାଜରେ ମଣିଷପଣିଆର ବାର୍ତ୍ତା ପହଞ୍ଚାଇ ଥାଆନ୍ତି । ଆଧୁନିକତାର ଚାକଚକ୍ୟରେ ପ୍ରାଚୀନ କଳା ସାହିତ୍ୟ ବିଲୁପ୍ତ ହେବାକୁ ଯାଉଥିବା ବେଳେ ନୂତନ ଯୁବପିଢିଙ୍କ ମଧ୍ୟରେ ପାଲା ପ୍ରତି ଆଗ୍ରହ ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁଛି । ତେବେ ଡେରାବିଶ ବ୍ଲକ ଅଧୀନ ପଞ୍ଚୁପାଣ୍ଡବଙ୍କ ମନ୍ଦିର ନିକଟରେ ଥିବା ମା' ବୁଢ଼ୀ ଜାଗୁଳାଇଙ୍କ ପୀଠରେ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ବାଦୀପାଲା ମହୋତ୍ସବ ନିକଟରେ ଉଦ୍‌ଯାପିତ ହୋଇଛି । ଡେରାଢ଼ି କେଉଟକଣ୍ଡିଆ ଗ୍ରାମର ମିଳିତ ସହଯୋଗରେ ଦୀର୍ଘ ୧୨୮ ବର୍ଷ ଧରି ହୋଇ ଆସୁଥିବା ଏହି ପାଲା ମହୋତ୍ସବରେ ଚଳିତବର୍ଷ ଗାୟକ ମେରୁନାଥ ମହାପାତ୍ର ଓ ବିରଞ୍ଚି ନାରାୟଣ ତ୍ରିପାଠୀ, ଗାୟକ ନୃସିଂହ ଚରଣ ହୋତା ଓ ଗାୟକ ଡ. ଶିଶିର କୁମାର ପାଢୀଙ୍କ ମଧ୍ୟରେ ପାଲା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରାମାୟଣ ଓ ମହାଭାରତର କଥାବସ୍ତୁ ଉପରେ ଆଧାରିତ ପାଲା ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସେହିପରି ସହଯୋଗୀ ପାଳିଆଙ୍କ ଢଗଢମାଳି ମହୋତ୍ସବକୁ ଆହୁରି ସରସ ସୁନ୍ଦର କରିଥିଲା । ସତ୍ୟ ନାରାୟଣ ପାଲା କମିଟିର ସଭ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।
























ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୧୬/୨୦୨୦ Bhubaneswar, Thursday, January 16/2020

# ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ରସୁଲପୁର,୧୫।୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ହାଇସ୍କୁଲ ଖେଳ ପଡ଼ିଆରେ ୧୪ତମ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ବୁଧବାର ଅପରାହ୍ଣରେ ଉଦ୍‌ଘାଟିତ ହୋଇଛି। ମୁଗୁପାଳ ଅଞ୍ଚଳର ପ୍ରଗତି କ୍ଲବ ଓ ଇଏସ୍‌ଇପିଏମ୍ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ପ୍ରଥମ ଦିନର ଖେଳରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସୁଦୃଢ ଭଲି ଦଳ ତ୍ରିବେଣୀ ଆର୍ଥ ମୁଭରର୍ସ(ଯୋଡ଼ା), ସୂର୍ଯ୍ୟଶିଖା(ଭଦ୍ରକ), ନେହେରୁ ଷ୍ଟାଡିୟମ, କିଟ୍(ଭୁବନେଶ୍ୱର) ପ୍ରତିପକ୍ଷ ଦଳକୁ ଏକତରଫା ଭାବରେ ପରାସ୍ତ ସେମିଫାଇନକୁ ଉନ୍ନୀତ ହୋଇଛନ୍ତି। ଗୁରୁବାର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ବେଶ୍ ଚିତ୍ତାକର୍ଷକ ହେବ ବୋଲି କୁହାଯାଉଛି। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ରଥ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ଭଲିବଲ ଆସୋସିଏସନର ସଭାପତି ସୁବୋଧ କୁମାର ରାଉତରାୟ, ସମ୍ମାନିତ ଅତିଥି ଭାବରେ କ୍ରୀଡାବିତ୍ ପ୍ରଭାକର ବସ୍ତିଆ, ମୁଗୁପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ଦାସ, କ୍ରୀଡ଼ା ପ୍ରଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସେଠୀ, କ୍ରୀଡ଼ା ଶିକ୍ଷକ ଅମରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଖେଳୁଆଡ ମନୋଭାବ ନେଇ ଖେଳିବାକୁ ପରାମର୍ଶ ଦେଇଥିଲେ। ଅଭ୍ରାଂଶୁ ମହାନ୍ତି, ମନୋଜ ପଣ୍ଡା, ଜିତୁ କୁମାର ପ୍ରମୁଖ ଖେଳକୁ ପରିଚାଳନ କରିଥିଲେ। ଉକ୍ତ ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ପୂର୍ବାହ୍ଣରେ ଅନୁଷ୍ଠାନ ପକ୍ଷରୁ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଏଡୁକେଶନ ଟ୍ରଷ୍ଟ ପକ୍ଷରୁ ମୁଗୁପାଳ ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ର ମଦନ ସେଠୀଙ୍କୁ ମାନପତ୍ର ସହ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧିତ ଛାତ୍ର ମୁଗୁପାଳ ହାଇସ୍କୁଲରୁ ୨୦୧୯-୨୦ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ସମ୍ମାନିତ ହୋଇଥିଲେ।


ଭଲିବଲ ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳି।

**ତ୍ରିବେଣୀ, ସୂର୍ଯ୍ୟଶିଖା, ନେହେରୁ, କିଟ୍ ସେମିଫାଇନାଲକୁ ଉନ୍ନୀତ**

## ସଂକ୍ଷେପରେ

### ଗହୀରମଥାରେ ଟ୍ରଲର ଜବତ, ୪ ମା'କଇଁଛ ଉଦ୍ଧାର

**ରାଜନଗର,୧୫।୧(ଡି.ଏନ.ଏ.) :** ଭିତରକନିକା ସଂଲଗ୍ନ ଗହୀରମଥା ନିଷିଦ୍ଧାଞ୍ଚଳରେ ବୁଧବାର ବେଆଇନ ଭାବେ ମାଛ ଧରୁଥିବା ଏକ ଟ୍ରଲରକୁ ଜବତ କରାଯାଇଛି। ଏହି ଟ୍ରଲରରୁ ମାଛ ଓ ୪ଟି ମା' ଅଲିଭ ରିଡଲେ କଇଁଛକୁ ଉଦ୍ଧାର କରାଯାଇଛି। ଜାଲରେ ପଡିଥିବା ଏହି ଜୀବନ୍ତ କଇଁଛଗୁଡ଼ିକୁ ପୁନର୍ବାର ଗଭୀର ସମୁଦ୍ରରେ ଛାଡି ଦିଆଯାଇଛି ବୋଲି ରାଜନଗର ଡିଏଫଓ ବିକାଶ ରଞ୍ଜନ ଦାଶ କହିଛନ୍ତି। ରାଜନଗର ବନ ବିଭାଗର ଏକ ପାଟ୍ରୋଲିଂ ଟିମ୍ ଗହୀରମଥା ଅଞ୍ଚଳରେ କଇଁଛଙ୍କ ସୁରକ୍ଷା ପାଇଁ ପଇଁତରା ଦେଉଥିବା ବେଳେ ହୁକିଟୋଲା ନିକଟରେ ବେଆଇନ ଭାବେ ମାଛ ମାରୁଥିବା ପାରାଦୀପ ଅଞ୍ଚଳର ଗୋପାଳଜୀଉ-୧ ନାମକ ଟ୍ରଲରକୁ ଜବତ କରିଥିଲେ। ଟ୍ରଲରରେ ଥିବା ୬ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ ଯେ, ବିରଳ ଅଲିଭ ରିଡଲେଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ମେ ୩୧ ଯାଏଁ ଉପକୂଳରେ ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ରହିଛି। ଏହାସତ୍ତ୍ୱେ ଟ୍ରଲର ପଶି ମାଛ ଧରୁଛି। ଫଳରେ ଟ୍ରଲର ମାଡରେ ଅନ୍ତଃସତ୍ତ୍ୱା ମା' କଇଁଛଙ୍କ ମୃତ୍ୟୁ ଘଟୁଛି।

### ଗଛରେ ଫିଟିହୋଇ ଯୁବକଙ୍କ ମୃତ୍ୟୁ

**ବଡ଼ସାହି,୧୫।୧(ସ୍ୱ.ପ୍ର): ମୟୂରଭଞ୍ଜ** ଜିଲା ବଡ଼ସାହି ଥାନା ଅଧୀନ ଦେଉଳିଆ ରାସ୍ତାର ଭାଲୁବସାଠାରେ ଶଳଗଛରେ ଫିଟି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାଲେଶ୍ୱର ଜିଲା ବରହମପୁର ଥାନା ଅଧୀନ ମାଟିଆଳି ଗ୍ରାମର ସୁରେନ୍ଦ୍ର ସିଂ(୨୨)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ୍ ମେଡିକାଲକୁ ପଠାଇଛି।

## ଗଞ୍ଜେଇ ଜବତ: ଜଣେ ଗିରଫ

**ବାସୁଦେବପୁର, ୧୫।୧(ଡି.ଏନ.ଏ.)**

ବାସୁଦେବପୁର ଥାନା ପୋଲିସ ସୁଆଁ ଜଗନ୍ନାଥଛକ ଅଞ୍ଚଳରୁ ଦେଢ଼ କେଜି ଗଞ୍ଜେଇ ଜବତ କରିବା ସହିତ ଜଣେ ବେପାରୀଙ୍କୁ ଗିରଫ କରିଛି। ଗିରଫ ବେପାରୀ ହେଲେ ଜଗନ୍ନାଥ ଗ୍ରାମର ଦାମୋଦର ବେହେରା(୫୬)। ବାସୁଦେବପୁର ଥାନାରେ ଏକ ମାମଲା(ନଂ.୧୧/୨୦) ରୁଜୁ କରାଯାଇ ଗିରଫ ଦାମୋଦରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ମଧୁମିତା ମହାନ୍ତି ସୂଚନା ଦେଇଛନ୍ତି। ଅପରପକ୍ଷେ ଏହି ଘଟଣାରେ ତାଙ୍କ ସ୍ୱାମୀଙ୍କୁ ଫସାଇ ଦିଆଯାଇଛି ବୋଲି ଗିରଫ ଦାମୋଦରଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ପୋଲିସ ତାଙ୍କ ସ୍ୱାମୀଙ୍କୁ ମଙ୍ଗଳବାର ଥାନାକୁ ଡକାଇ ନେଇଥିଲା। ତାଙ୍କଠାରୁ କୌଣସି ଗଞ୍ଜେଇ ଜବତ ହୋଇନାହିଁ। ପୋଲିସ ଅନ୍ୟ କେଉଁଠାରୁ ଗଞ୍ଜେଇ ଜବତ କରି ତାଙ୍କ ସ୍ୱାମୀଙ୍କ ନାମ ଦର୍ଶାଇ ଫସାଇଛି। ଏ ବାବଦରେ ସେ ଭଦ୍ରକ ଏସ୍‌ପିଙ୍କଠାରେ ଗୁହାରି କରିବେ ବୋଲି କହିଛନ୍ତି।

## ୨ ବର୍ଷର ଶିଶୁ କନ୍ୟାକୁ ଛାଡ଼ି ମହିଳା ଫେରାର

**ରଘୁନାଥପୁର, ୧୫। ୧ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରଖନାଥ ପୀଠରେ ମକର ସଂକ୍ରାନ୍ତି ଉପଲକ୍ଷେ ଜନଗହଳି ହୋଇଥିଲା। ଏହି ସୁଯୋଗରେ ଜଣେ ମହିଳା ସାଙ୍ଗରେ ଆଣିଥିବା ୨ ବର୍ଷର ଶିଶୁକନ୍ୟାକୁ ଜଣେ ଅପରିଚିତ ବୃଦ୍ଧାଙ୍କୁ ଟିକେ ଧରିଥାଅ, ମୁଁ ଆସୁଛି କହି ସେଠାରୁ ଫେରାର ହୋଇଯାଇଥିଲେ। ଦୀର୍ଘ ସମୟ ଉକ୍ତ ଶିଶୁ କନ୍ୟାକୁ ଧରି ଅପେକ୍ଷା କରିବା ପରେ ସ୍ଥାନୀୟ ତାରପୁର ପଞ୍ଚାୟତ ଖଣ୍ଡତରି ଗାଁର ବେଙ୍ଗ ବେହେରା ଏ ସମ୍ପର୍କରେ ଟ୍ରଷ୍ଟ ବୋର୍ଡକୁ ଅବଗତ କରିଥିଲେ। ଟ୍ରଷ୍ଟ ବୋର୍ଡ ସଭ୍ୟଙ୍କ ପକ୍ଷରୁ ଏ ସମ୍ପର୍କରେ ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳଙ୍କୁ ଅବଗତ କରାଯାଇଥିଲା। ତିର୍ତ୍ତୋଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ସରପଞ୍ଚ ବିଜୟ କୁମାର ସ୍ୱାଇଁ, ଟ୍ରଷ୍ଟବୋର୍ଡ ସଭ୍ୟ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତିଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଜଗତ୍‌ସିଂହପୁର ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ୨ ଜଣ କର୍ମଚାରୀ ଶିଶୁକନ୍ୟାକୁ ସାଙ୍ଗରେ ନେଇ ଯାଇଛନ୍ତି। ଶିଶୁ କନ୍ୟାନିଜର ନାମ କହି ପାରୁ ନ ଥିବା ବେଳେ ନିଜର ଠିକଣା ସମ୍ପର୍କରେ ସାମାନ୍ୟତମ ସୁରାକ ଦେଇ ପାରୁନାହିଁ। ତେବେ ଗହଳିର ସୁଯୋଗ ଦେଖି ଜଣେ ବୃଦ୍ଧାଙ୍କୁ ଶିଶୁ କନ୍ୟାକୁ ଧରାଇ ଦେଇ ମହିଳା ଜଣଙ୍କ କାହା ସହିତ ଫେରାର ହୋଇଯିବା ଘଟଣା ଅଞ୍ଚଳରେ ଆଲୋଚ୍ୟର ବିଷୟ ହୋଇଛି।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ


ଜଣେ ବରିଷ୍ଠ ନାଗରିକଙ୍କୁ ଆମ ପୋଲିସ ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରାଯାଉଛି।

**ରସୁଲପୁର,୧୫।୧(ଡି.ଏନ୍.ଏ.):** ବରିଷ୍ଠ ନାଗରିକମାନେ ସାମଜର ମାର୍ଗଦର୍ଶକ। ସେମାନଙ୍କ ସାମାଜିକ ନିରାପତ୍ତା, ସୁରକ୍ଷା ଓ ସୁସ୍ଥ ରଖିବା ଦାୟିତ୍ୱ ସଭିଙ୍କର। ଏ ଦିଗରେ ଅବହେଳାକୁ ବରଦାସ୍ତ କରାଯାଇ ପାରିବ ନାହିଁ । ବରିଷ୍ଠମାନଙ୍କର ଅଭିଯୋଗକୁ ଗୁରୁତର ସହ ନିଆଯିବ। ସେମାନଙ୍କ ସୁବିଧା ପାଇଁ ଜନଗହଳିପୂର୍ଣ୍ଣ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବ। ଏପରି କି ଏକାକି ରହୁଥିବା ବରିଷ୍ଠ ନାଗରିକମାନେ ବାହାରକୁ ଭ୍ରମଣରେ ଗଲେ ସ୍ଥାନୀୟ ଥାନାକୁ ସୂଚନା ଦେବା, ଘରେ ଭଡ଼ାରେ ରହିଥିବା ଅତିଥିଙ୍କଠାରୁ ସଠିକ୍ ସୂଚନା ସଂଗ୍ରହ କରିବାକୁ ବୁଧବାର ଅନୁଷ୍ଠିତ ବରିଷ୍ଠ ନାଗରିକଙ୍କ ପରିଚୟପତ୍ର ପ୍ରଦାନ ମେଳାରେ ପରାମର୍ଶ ଦିଆଯାଇଛି। ଆମ ପୋଲିସ ସମିତିର ସଭାପତି ନାରାୟଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯାଜପୁର ଜିଲା ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା, ସମ୍ମାନିତ ଅତିଥି ଭାବରେ ଏସ୍‌ଡିପିଓ ଚିନ୍ମୟ ନାୟକ, କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ, ଆମ ପୋଲିସ ସମିତି ପକ୍ଷରୁ କଳାକାର ବାରିକ, ସୁକାନ୍ତ କୁମାର ନାୟକ, ପୋଲିସ ଅଧିକାରୀ ଦୁଷ୍ମନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଥାନା ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଧୀର କୁମାର ସାହୁ, ଡାକ୍ତର ମନିଷା ମିଶ୍ର, ଡାକ୍ତର ବି. ମୋନାଲି ପ୍ରିୟଦର୍ଶିନୀ, ସୂର୍ଯ୍ୟକାନ୍ତ ମହାରଣା, ଅଶୋକ କୁମାର ବୋଇତାଇ ପ୍ରମୁଖ ଯୋଗଦେଇ ବୃଦ୍ଧାବୃଦ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ଆବଶ୍ୟକୀୟ ପ୍ରତିଷେଧକ ପରାମର୍ଶ ପ୍ରଦାନ କରିଥିଲେ।




## ଚଣ୍ଡିଖୋଲରୁ ଚୋରି ଟ୍ରକ୍ ଆଠମଲ୍ଲିକରୁ ଉଦ୍ଧାର

**ଆଠମଲ୍ଲିକ,୧୫।୧(ଡି.ଏନ.ଏ.)**

ଯାଜପୁର ଜିଲା ଚଣ୍ଡିଖୋଲ ଟୋଲଗେଟ୍ ନିକଟରୁ ଚୋରି ହୋଇଥିବା ଏକ ଟ୍ରକ୍‌କୁ ବୁଧବାର ଅନୁଗୋଳ ଜିଲା ଆଠମଲ୍ଲିକ ପୋଲିସ ଉଦ୍ଧାର କରିଛି। ଏଥିସହ ଟ୍ରକ୍ ଚଳାଉଥିବା ଜଣେ ଦୁର୍ବୃତ୍ତଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି।

ପୋଲିସ କହିଛି, ପାରାଦୀପ ତୈଳ ବିଶୋଧନାଗାରରୁ ମଙ୍ଗଳବାର କୋଲକାତା ଅଭିମୁଖେ ଏକ ଟ୍ରକ୍ (ନଂ. ଓଡି୦୫ଏଏ-୮୪୭୨) ବାହାରିଥିଲା।



ଚାଳକ ଚଣ୍ଡିଖୋଲ ଟୋଲଗେଟ୍‌ଠାରେ ଗାଡି ରଖି ଶୋଇଥିବା ବେଳେ ତାଙ୍କ ଗୋଡହାତ ବାନ୍ଧି ଡକାୟତମାନେ ଟ୍ରକ୍ ନେଇ ଫେରାର ହୋଇଯାଇଥିଲେ। ଗାଡ଼ି କୋଲକାତା ଆଡ଼କୁ ନ ଯାଇ ଅନୁଗୋଳ ଯାଉଥିବା ଜିପିଆର୍‌ଏସ୍ ବ୍ୟବସ୍ଥାରେ ଜାଣି ଗାଡ଼ି ମାଲିକ ତୁରନ୍ତ ଚଣ୍ଡିଖୋଲ ଥାନାକୁ ଜଣାଇଥିଲେ। ଖବରପାଇ ଅନୁଗୋଳ ଏସ୍‌ପି ଜଗମୋହନ ମୀନା ଟ୍ରକ୍‌କୁ ଟ୍ରାକିଂ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ଆଠମଲ୍ଲିକ ଏସ୍‌ଡିପିଓ ଆଠମଲ୍ଲିକର ସମସ୍ତ ଥାନାକୁ ସଜାଗ କରିଥିଲେ। ଆଠମଲ୍ଲିକ ଥାନା ସବ୍‌ଇନ୍‌ସପେକ୍ଟର ଦେବଯାନୀ ଛତର, ଏଏସ୍‌ଆଇ ସନ୍ତୋଷ କୁମାର ସେଠୀ ପ୍ରମୁଖ ଗାନ୍ଧୀ ଛକ ନିକଟରେ ଗାଡ଼ିଟିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗାଡ଼ିଟି ଦ୍ରୁତଗତିରେ ପଳାଇଯିବାରୁ ପୋଲିସ ପିଛାକରି ଆଠମଲ୍ଲିକ-ମାଧପୁର ରାସ୍ତାରୁ ତାହାକୁ ଜବତ କରିଥିଲା। ପଚରାଉଚରା ବେଳେ ଆଉ ୩ ସହଯୋଗୀ ଥିବା ଅଟକ ଦୁର୍ବୃତ୍ତ ଜଣଙ୍କ ପୋଲିସକୁ କହିଛି। ଅଧିକ ତଦନ୍ତ ପାଇଁ ପୋଲିସ ଗାଡିମାଲିକକୁ ଅପେକ୍ଷା କରିଥିବା ସୂଚନା ଦେଇଛି।

## ୫୧ ଗ୍ରାମ ବ୍ରାଉନସୁଗାର ଜବତ

**ବସ୍ତା, ୧୫।୧ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ କାଦରାୟାଁ-ପାଉଁଶକୁଲି ରାସ୍ତାରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଜଣେ ବାଇକ ଆରୋହୀଠାରୁ ୫୧ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିବା ସହିତ ନଗଦ ଟଙ୍କା ଜବତ କରିଥିବା ବସ୍ତା ଥାନା ଏସ୍‌ଡିପିଓ ଜଳଧର ଜାଲି ଓ ସିଂଲା ଥାନା ଆଇଆଇସି ପ୍ରଶାନ୍ତ କୁମାର ଜେନା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ଣରେ ଥାନା ଏସଆଇ ଏନ୍.ଏନ୍. ସୁତାରଙ୍କ ସହ ଥାନାର ଅନ୍ୟ ପୋଲିସ କର୍ମଚାରୀମାନେ ବିଶ୍ୱସ୍ତ ସୂତ୍ରରୁ ବ୍ରାଉନ ସୁଗାର ଚାଲାଣ ହେଉଥିବା ଖବରପାଇ ସେକ ତାହିର(୩୭) ନାମକ ଜଣେ ବ୍ୟକ୍ତି ବାଇକରେ ଜଳେଶ୍ୱର ଅଭିମୁଖେ ଆସୁଥିବା ବେଳେ ତାଙ୍କୁ ଅଟକ ରଖି ଯାଞ୍ଚ କରିଥିଲେ। ଏହି ଯାଞ୍ଚ ସମୟରେ ତାଙ୍କ ନିକଟରୁ ୫୧ଗ୍ରାମ ବ୍ରାଉନ ସୁଗାର ବାହାରିବା ସହିତ ନଗଦ ୨ଲକ୍ଷ ୪୫ହଜାର ଟଙ୍କା ବାହାରିଥିଲା। ଏ ନେଇ ପୋଲିସ ଅଧିକ ଖୋଳତାଡ କରିବାରୁ ସେ ବ୍ରାଉନ ସୁଗାର ବ୍ୟବସାୟ ପାଇଁ ଜଳେଶ୍ୱର ଯାଉଥିବା ସ୍ୱୀକାର କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା

**ଜଣେ ଗିରଫ**

ସହିତ ତାଙ୍କ ବାଇକ ଓ ଦୁଇଟି ମୋବାଇଲକୁ ଜବତ କରିଛି। ବୁଧବାର ଏନେଇ ପୋଲିସ ଏକ ମାମଲା (ନଂ.୯/୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ତେବେ ଜବତ ହୋଇଥିବା ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୫ଲକ୍ଷ ୧୦ ହଜାର ହେବ ବୋଲି ବିଭାଗୀୟ ସୂତ୍ରରୁ କୁହାଯାଇଛି। ଅଭିଯୁକ୍ତ ଜଣଙ୍କ ଦୀର୍ଘ ୧ ବର୍ଷ ଧରି ଏହି ମାରାତ୍ମକ ନିଶା ବ୍ରାଉନସୁଗାର ବ୍ୟବସାୟ କରିଆସୁଥିଲା। ତେବେ ଏହି ବ୍ୟବସାୟରେ ସଂପୃକ୍ତ ର୍ୟାକେଟକୁ ଧରିବା ପାଇଁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଆରମ୍ଭ ହେଲା ବରୁଣେଶ୍ୱର ମେଳା

# ବାବାଙ୍କ ଦର୍ଶନ କଲେ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ବିରଜାକ୍ଷେତ୍ର ଯାଜପୁର ତାର ଐତିହ୍ୟ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାକୁ ନେଇ ସମଗ୍ର ଭାରତରେ ପ୍ରସିଦ୍ଧି ଲାଭ କରିଛି। କ୍ଷେତ୍ରେଶ୍ୱରୀ ମା' ବିରଜା କୃତ ତିନୋଟି ବିନ୍ଦୁରେ ତିନୋଟି ଶୈବପୀଠ ରହିଛି। ସେଗୁଡ଼ିକ ହେଲା କିଲାଟେଶ୍ୱର, ବେଲେଶ୍ୱର ଓ ବରୁଣେଶ୍ୱର। ସେଥିମଧ୍ୟରୁ ବରୁଣେଶ୍ୱର ଶୈବପୀଠ ସମଗ୍ର ଅଞ୍ଚଳରେ ବେଶ୍ ପ୍ରସିଦ୍ଧ। ଏହାର ସ୍ୱତନ୍ତ୍ରତା ଜନମାନସରେ ଏହାକୁ ଭିନ୍ନ ଭାବରେ ପରିଚିତ କରିଛି। ବିଭିନ୍ନ ପୁରାଣ, କିମ୍ବଦନ୍ତୀ, ଇତିହାସକୁ ଆଧାରକରି ଏହି ପୀଠର ମାହାତ୍ମ୍ୟ ଯୁଗେ ଯୁଗେ ଜନମାନସକୁ ପ୍ରଭାବିତ କରି ଆସିଛି। ବ୍ରହ୍ମପୁରାଣ, ବହ୍ମବୈବର୍ତ୍ତ ପୁରାଣ, ଅଗ୍ନି ପୁରାଣରେ ଏହି କ୍ଷେତ୍ରର ମାହାତ୍ମ୍ୟ ସମ୍ପର୍କରେ ବର୍ଣ୍ଣିତ ରହିଛି। ବ୍ରହ୍ମାଙ୍କ କୁଶାଘାତରେ ସୃଷ୍ଟ କୁଶଭଦ୍ରାନଦୀ ତଟରେ ଏହି ବରୁଣେଶ୍ୱର ପୀଠ ଅବସ୍ଥିତ। ଜଳାଧିପତି ବରୁଣ ଦେବତା ପିତୃ ତର୍ପଣ ନିମିତ୍ତ ସହସ୍ର ବର୍ଷ କଠୋର ତପସ୍ୟାରେ ଏହି ନଦୀତଟରେ ତପମଗ୍ନ ରହିଥିଲେ। ବରୁଣଦେବତାଙ୍କ ତପସ୍ୟାରେ ସନ୍ତୁଷ୍ଟି ହୋଇ ସ୍ୱୟଂ ମହାଦେବ ଆର୍ବିଭୂତ ହୋଇ ବରୁଣ ଦେବତାଙ୍କ ମନୋସ୍କାମନା ପୂର୍ଣ୍ଣ କରିଥିଲେ। ବରୁଣଙ୍କ ନାମାନୁସାରେ ତାଙ୍କ ଦ୍ୱାରା ପ୍ରତିଷ୍ଠା ପାଇଥିବା ଶିବଲିଙ୍ଗ ବରୁଣେଶ୍ୱର ନାମରେ ନାମିତ ହୋଇ କେଉଁ ପୁରାଣ କାଳରୁ କୁଶଭଦ୍ରା ନଦୀତଟରେ ପୂଜିତ ହୋଇଆସୁଛନ୍ତି। ଯାଜପୁର ଜିଲାରେ ୬୮ଟି ତୀର୍ଥକ୍ଷେତ୍ର ମଧ୍ୟରେ ଏହି ବରୁଣେଶ୍ୱର କ୍ଷେତ୍ର ଅନ୍ୟତମ ତୀର୍ଥକ୍ଷେତ୍ର ରୂପେ ଖ୍ୟାତି ଲାଭ କରିଛି। ଏହିପୀଠ ସ୍ଥାନୀୟ ଅଞ୍ଚଳର ଜନମାନସରେ ଏକ ପ୍ରସିଦ୍ଧ ତୀର୍ଥ କ୍ଷେତ୍ରର ମାନ୍ୟତା ପାଇଥିବାବେଳେ ପ୍ରତିବର୍ଷ ଏହି ପୀଠକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପର୍ଯ୍ୟଟକ ଆସିଥାନ୍ତି। ଏହି କ୍ଷେତ୍ରର ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିଛି। ବରୁଣେଶ୍ୱରଙ୍କ ମନ୍ଦିର, ନବମ ଶତାବ୍ଦୀରେ ସୋମବଂଶୀ ରାଜତ୍ୱକାଳ ସମୟର ବୋଲି ଅନୁମାନ କରାଯାଏ। ମାତ୍ର ମୂଳ ମନ୍ଦିର ଧ୍ୱଂସ ପ୍ରାପ୍ତ ପରେ ଊନବିଂଶ ଶତାବ୍ଦୀରେ ନୂତନ ମନ୍ଦିର ନିର୍ମାଣ କରାଯାଇଛି। ବରୁଣେଶ୍ୱର ମନ୍ଦିର ପରିସରରେ ପାର୍ଶ୍ୱଦେବତା ଭାବରେ ଅଗ୍ନେଶ୍ୱର, ଜଳେଶ୍ୱର, ଭୂତନାଥ, କାଳେଶ୍ୱର, ଶ୍ରାବଣୀଲିଙ୍ଗ, ହନୁମାନ ଆଦି ପୂଜିତ ହୋଇଆସୁଛନ୍ତି। ଏହି କ୍ଷେତ୍ର ସଲଗ୍ନରେ ନାମ ମନ୍ଦିରରେ ଅହୋରାତ୍ର ନାମ ସଂକୀର୍ତ୍ତନ ହେଉ ଥିବାରୁ ଏହି କ୍ଷେତ୍ର ସର୍ବଦା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିପାରିଛି।

– ରବୀନ୍ଦ୍ର କୁମାର ପରିଡ଼ା

(ରାମକୃଷ୍ଣ ଦାସ)

ବିଞ୍ଝାରପୁର, ୧୫।୧

ଯାଜପୁର ଜିଲାର ପ୍ରସିଦ୍ଧ ବରୁଣେଶ୍ୱର ମେଳା ବୁଧବାରଠାରୁ ଆରମ୍ଭ ହୋଇଛି। ଶହ ଶହ ବର୍ଷର ପରମ୍ପରା ଅନୁଯାୟୀ ବାବା ବରୁଣେଶ୍ୱରଙ୍କର ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇଥିଲା। ବୁଧବାର ବ୍ରାହ୍ମମୁହୂର୍ତ୍ତ ୩ଟା ସମୟରୁ ମନ୍ଦିର ସେବାୟତମାନେ ବର୍ଷସାରା ଜଳମଗ୍ନ ଥିବା ବାବା ବରୁଣେଶ୍ୱରଙ୍କ ପୀଠରୁ ଜଳ ନିଷ୍କାସିତ କରିବା ପରେ ଭୋର ୪ଟା ୩୦ମିନିଟରେ ବାବାଙ୍କ ମଙ୍ଗଳ ଆଳତି କରାଯାଇଥିଲା। ପରେ ପ୍ରସିଦ୍ଧ କୁଶଭଦ୍ରାରେ ଆଳତୀ କରାଯାଇଥିଲା। ଭୋର ୫ଟାରେ ବାବା ବରୁଣେଶ୍ୱରଙ୍କ ବଡସିଂହାର ବେଶ କରାଯାଇଥିଲା। ବାବାଙ୍କ ଦର୍ଶନ ପାଇଁ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। କୁହାଯାଏ ମକର ସଂକ୍ରାନ୍ତି ଦିନ ବାବାଙ୍କ ପ୍ରଥମ ଦର୍ଶନ କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ସେଥିପାଇଁ ହଜାର ହଜାର ଶ୍ରଦ୍ଧାଳୁ ରାତ୍ର ସମୟରୁ ବାବାଙ୍କପୀଠରେ ଧାଡ଼ି ଲଗାଇ ଥିଲେ। ବାବାଙ୍କ ପ୍ରଥମ ଦର୍ଶନ କରିବା ପାଇଁ ବିଧାୟିକା ପ୍ରମିଳା ମଲ୍ଲିକ, ସରପଞ୍ଚ ଦେବାନନ୍ଦ ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, ବିଡିଓ ମିନତୀ ଜଗଦେବ, ସମାଜସେବୀ ରବୀନ୍ଦ୍ର କୁମାର ପରିଡା, ରଞ୍ଜନ କୁମାର ଧଳ, ମାନଗୋବିନ୍ଦ ଧଳ, ପ୍ରଫୁଲ୍ଲ ନାୟକ, ହେମେନ୍ଦ୍ର ସାମଲ, ସରୋଜ ସାମଲ, କାମଦଦେବ ଧଳ, ଚିକଣା ସରପଞ୍ଚ ଧ୍ରୁବ ଚରଣ ସେଠୀ, ଗୋବିନ୍ଦ ଜେନା, ଗୋବିନ୍ଦ ପରିଡା, ସୁଧିର ପରିଡା, ଶିକ୍ଷାବିତ୍ ମହେଶ୍ୱର ଦାସ, ଦିଲ୍ଲୀପ କୁମାର ସାମଲ, ଚନ୍ଦ୍ରମଣୀ ନାୟକ ପ୍ରମୁଖଙ୍କ ସମେତ ଦୂରଦୁରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁ ସକାଳୁ ଭିଡ଼ ଜମାଇଥିଲେ। ଏଥିସହିତ ବିଧି ମୁତାବକ ବୁଧବାର ପ୍ରଥମ ଦିବସରେ ବାବା ବରୁଣେଶ୍ୱରଙ୍କ ରୁଦ୍ରାଭିଷେକ କରାଯାଇଥିଲା।




### କୁଶଭଦ୍ରାରେ ଆଳତି



ବ୍ରାହ୍ମ ମୁହୂର୍ତ୍ତରେ କୁଶଭଦ୍ରା ଆଳତୀ ବରୁଣେଶ୍ୱର କ୍ଷେତ୍ରରେ କୁଷଭଦ୍ରା ନଦୀର ମହାତ୍ମ୍ୟ ଅନେକ । ବାବା ବରୁଣେଶ୍ୱରଙ୍କ ପୂଜାର୍ଚ୍ଚନା ସହିତ ଏଠାରେ କୁଷଭଦ୍ରା ନଦୀକୁ ମଧ୍ୟ ପୂଜା କରାଯାଇଥାଏ। ବୁଧବାର ବ୍ରାହ୍ମ ମୁହୂର୍ତ୍ତରେ ବାବା ବରୁଣେଶ୍ୱରଙ୍କ ମଙ୍ଗଳ ଆଳତୀ ପରେ କୁଶଭଦ୍ରାନଦୀର ଆଳତୀ କରାଯାଇଥିଲା। ଭୋର ୫ରେ ବିଞ୍ଝାରପୁର ବିଧାୟିକା ତଥା ସରକାରୀ ଦଳ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ କୁଷଭଦ୍ରା ନଦୀ ଆଳତୀ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଆଳତୀ ଦେଖିବା ପାଇଁ କୁଶଭଦ୍ରା କୂଳରେ ହଜାର ହଜାର ଲୋକେ ରୁଣ୍ଡ ହୋଇଥିଲେ । କୁଶଭଦ୍ରାରେ ସ୍ନାନ କରି ବାବା ବରୁଣେଶ୍ୱରଙ୍କ ଦର୍ଶନ କଲେ ପୁଣ୍ୟ ପ୍ରାପ୍ତ ହୋଇଥାଏ ବୋଲି କୁହାଯାଏ। ଏଥିପାଇଁ ବହୁ ଶ୍ରଦ୍ଧାଳୁ ସକାଳୁ କୁଶଭଦ୍ରାରେ ବୁଡ଼ ମଧ ପକାଇଥିଲେ।

### ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ପ୍ରଥମ ଦିନରେ ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟ କରି ପୋଲିସ ପକ୍ଷରୁ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭବାନୀକାନ୍ତ ପଟ୍ଟନାୟକ ଓ ବିଞ୍ଝାରପୁର ଥାନା ଅଧିକାରୀ ଶିବ ଚରଣ ବେହେରାଙ୍କ ନେତୃତ୍ୱରେ ୪ ପ୍ଲାଟୁନ ପୋଲିସ ଫୋର୍ସ, ୫ଜଣ ଆଇଆଇସି, ୧୪ଜଣ ଏସ୍ଆଇ ଓ ୧୦ଜଣ ଏଏସ୍ଆଇ ମେଳାରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ମୂତୟନ ହୋଇଛନ୍ତି। ପୋଲିସ ପକ୍ଷରୁ ମେଳାରେ ଦୁଇଟି ଅସ୍ଥାୟୀ ଫାଣ୍ଡି ନିର୍ମାଣ କରାଯାଇଛି। ୯ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମେଳାର ପ୍ରଥମ ଦିବସରେ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଏହାକୁ ପୋଲିସ ପକ୍ଷରୁ ସୁବ୍ୟବସ୍ଥିତ ଢ଼ଙ୍ଗରେ ନିୟନ୍ତ୍ରଣ କରାଯାଇଥିଲା। ସେହିପରି ଅଗ୍ନୀଶମ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଅସ୍ଥାୟୀ ଚିକିତ୍ସା ଶିବିର କରାଯାଇ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି।

### ୟୁଥଫୋରମ ପକ୍ଷରୁ ବାଲୁକା କଳା ପ୍ରଦର୍ଶନୀ

ପ୍ରସିଦ୍ଧ ବରୁଣେଶ୍ୱର ମେଳାରେ ସ୍ଥାନୀୟ ଯୁବ ସଂଗଠନ ବାବା ବରୁଣେଶ୍ୱର ୟୁଥ ଫୋରମ ପକ୍ଷରୁ ବୁଧବାର ପୂର୍ବାହ୍ନରେ ବାଲୁକାକଳା ପ୍ରଦର୍ଶିତ ହୋଇଛି। ଏହି ବାଲୁକାକଳାକୁ ବରୁଣେଶ୍ୱର ମନ୍ଦିର ପରିସରରେ ବିଞ୍ଝାରପୁର ବିଧାୟିକା ତଥା ମୁଖ୍ୟସଚେତିକା ପ୍ରମିଳା ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ବାବା ବରୁଣେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ବିଶାଳ ଶିବ ବାଲୁକା କଳା ପ୍ରସ୍ତୁତ କରାଯାଇଛି। ଏହି ବାଲୁକା କଳାକୁ କପିଳା ଅଞ୍ଚଳର ବାଲୁକା ଶିଳ୍ପୀକାର ପ୍ରଶାନ୍ତ, ଜୁଲୁ ପ୍ରସ୍ତୁତ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ୟୁଥଫୋରମ ପକ୍ଷରୁ ରୋମିଓ ରୋପନ ରାଉତ, ସୌମ୍ୟ ରଞ୍ଜନ ଓଝା, ଦୀପକ ସାହୁ, ରାଜେନ୍ଦ୍ର ଓଝା, ଜଗନ୍ନାଥ ବରାଳ, ବରଦା ପ୍ରସନ୍ନ ନାୟକ, ଷ୍ଟାଲିନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।




### ଲୋପପାଇଲା ପରମ୍ପରା

ବରୁଣେଶ୍ୱର ମେଳାରେ ପ୍ରାଚୀନ ପରମ୍ପରା ଦେଖିବାକୁ ମିଳୁଥିଲା। ହେଲେ ଚଳିତ ବର୍ଷ ସମସ୍ତ ପ୍ରାଚୀନ ପରମ୍ପରାକୁ ଆୟୋଜକମାନେ ସମ୍ପୂର୍ଣ୍ଣ ପାସୋରି ଦେଇଥିଲେ। ମକର ସଂକ୍ରାନ୍ତିରେ ଏହି ପୀଠରେ ମକର ଚାଉଳ ସହ ପୋଡପିଠା ମଧ୍ୟ ବଣ୍ଟନ କରାଯାଉଥିଲା। ହେଲେ ଚଳିତ ବର୍ଷ ଏହା ଦେଖିବାକୁ ମିଳି ନ ଥିଲା। ତେବେ ସାରସ୍ୱତ ସଂଗଠନ ଅଖିଳଚକ୍ର ପକ୍ଷରୁ ମକର ଚାଉଳ ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଥିଲା।

### ଲୋକ ଅଧିକ, ବେପାର ପାନ୍ଧା

ପ୍ରଥମ ଦିନରେ ମେଳା ପଡିଆରେ ୫୦ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ସମାଗମ ହୋଇଥିବାବେଳେ ସେହିଧରଣର ବେପାର କିନ୍ତୁ ଦେଖିବାକୁ ମିଳି ନ ଥିଲା। ସଂକ୍ରାନ୍ତି ଥିବାରୁ ଶ୍ରଦ୍ଧାଳୁମାନେ ପିଆଜ, ରସୁଣ ଓ ଆମିସ ଭକ୍ଷଣ ନ କରିବାରୁ ଚାଟ, ଫାଷ୍ଟଫୁଡ ଆଦି ବ୍ୟବସାୟୀଙ୍କ ବେପାର କମ୍ ହୋଇଥିଲା। ଏଥି ସହିତ ଅଧିକାଂଶ ଷ୍ଟଲ ଖୋଲି ନ ଥିବା ଦେଖିବାକୁ ମିଳିଥିବାବେଳେ ମେଳା ଆହୁରି ୯ ଦିନ ବାକି ଥିବାରୁ ବେପାର ଜମିବ ବୋଲି ବ୍ୟବସାୟୀମାନେ ଆଶା କରୁଛନ୍ତି।

### ଜାଗୁଲେଇ ଯୁବକ ସଂଘ ପକ୍ଷରୁ ସାଇପ୍ରସାଦ ବଣ୍ଟନ

ପବିତ୍ର ମକର ସଂକ୍ରାନ୍ତି ଅବସରରେ ବିଞ୍ଝାରପୁରସ୍ଥିତ ଜାଗୁଲେଇ ଯୁବକ ସଂଘ ପକ୍ଷରୁ ସାଇପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ବାବା ବରୁଣେଶ୍ୱରଙ୍କ ଦର୍ଶନରେ ଯାଇ ଫେରୁଥିବା ଶ୍ରଦ୍ଧାଳୁମାନେ ଅତି ଶ୍ରଦ୍ଧାରେ ସାଇପ୍ରସାଦ ସେବନ କରୁଥିବା ପରିଲକ୍ଷିତ ହୋଇଥିଲା। ଏହି କର୍ଯ୍ୟକ୍ରମକୁ ଜାଗୁଲେଇ ଯୁବକସଂଘର ସଦସ୍ୟ ଅତୁଲ୍ୟ ସାହୁ, ତାପସ ସାହୁ, କୁମରବର ସାହୁ, ରାକେଶ ସାହୁ, ସୁନୀଲ ସାହୁ,ଅମିତ ବାରିକ, ବିଜୟ ସାହୁ, ବିବେକାନନ୍ଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ।






ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ରଣପୁର ଗ୍ରା.ପ. ତଥା ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

**ଅଜିତ କୁମାର ସାମଲ**

ଉପସଭାପତି, ବିଜୁ ଯୁବ ଜନତା ଦଳ, ବିଞ୍ଝାରପୁର



ପବିତ୍ର ବରୁଣେଶ୍ୱର ମେଳା ଅବସରରେ କଲ୍ୟାଣପୁର ଗ୍ରା.ପ. ତଥା ବିଞ୍ଝାରପୁର ବ୍ଲକର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

**ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ରାଉତ**

ସମିତି ସଭ୍ୟ, କଲ୍ୟାଣପୁର ଗ୍ରାମପଞ୍ଚାୟତ, ବିଞ୍ଝାରପୁର



ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭେଚ୍ଛା ।

**ଲେନିନ ଦାସ**

ଛାତ୍ରନେତା, ବିଜେଡି, ବିଞ୍ଝାରପୁର

ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ଖରିଆ ପ୍ରାଥମିକ କୃଷି ସମବାୟ ସମିତି ଲିଃ ଅଧୀନରେ ସମସ୍ତ ଚାଷୀଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।



**ସମୀର ମଲ୍ଲିକ**

ସମ୍ପାଦକ, ଖରିଆ ପ୍ରାଥମିକ କୃଷି ସମବାୟ ସମିତି ଲିଃ. ମାଁସଡା, ବିଞ୍ଝାରପୁର



ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

**ରଞ୍ଜନ କୁମାର ଜେନା**

ସମ୍ପାଦକ, ଯୁବ ବିଜେଡି, ବିଞ୍ଝାରପୁର



ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ମାଁସଡା ଗ୍ରା.ପ. ତଥା ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

**ଦିଲ୍ଲୀପ ରାଉଳ**

ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ନେତା ବିଜେଡି, ବିଞ୍ଝାରପୁର

ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।



**ମିନତୀ ଜଗଦେବ**

ମଣ୍ଡଳ ଉନ୍ନୟନ ଅଧିକାରିଣୀ ତଥା ଭାରପ୍ରାପ୍ତ ତହସିଲଦାର, ବିଞ୍ଝାରପୁର

ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଅଭିଭାବକ, ଶିକ୍ଷାବିତ ଓ ଛାତ୍ରଛାତ୍ରୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭେଚ୍ଛା ।



**ରେଣୁବାଳା ଦେଈ**

ମଣ୍ଡଳ ଶିକ୍ଷା ଅଧିକାରିଣୀ ତଥା ପ୍ରଧାନ ଶିକ୍ଷୟିତ୍ରୀ, ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ, କଲ୍ୟାଣପୁର, ବିଞ୍ଝାରପୁର

## ସଂକ୍ଷେପରେ

### ଆର୍ଯ୍ୟ ସମାଜ ପକ୍ଷରୁ ପୂଜ୍ୟପୂଜା ସମ୍ବର୍ଦ୍ଧନା

**ଖଣ୍ଡପଡ଼ା,୧୫।୧(ସ୍ୱ.ପ୍ର.):** ପବିତ୍ର ମକର ସଂକ୍ରାନ୍ତିରେ କଣ୍ଟିଲୋ ପଞ୍ଚାୟତ ପାଣ୍ଡୁସାହୁ ପାଟଣା ଆର୍ଯ୍ୟସମାଜ ପକ୍ଷରୁ ପୂଜ୍ୟପୂଜା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗ୍ରାମର ବୟସାଧିକ ବ୍ୟକ୍ତିମାନଙ୍କୁ ଫୁଲଚନ୍ଦନ ଦେଇ ସମ୍ବର୍ଦ୍ଧିତ କରାଯାଇ ସେମାନଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରାଯାଇଥିଲା। ନିରଞ୍ଜନ ମହାରଣାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଧ୍ରୁବ ଚରଣ ସାହୁ, ଚୈତନ୍ୟ ସାମଲ, ପ୍ରଭାକର ଶିରୋମଣି, ବ୍ରଜବନ୍ଧୁ ମିଶ୍ର, ଅଖିଳ କୁମାର ସାହୁ ପ୍ରମୁଖ ଯୋଗଦେଇ ଗୁରୁ ଗୁରୁଜନଙ୍କୁ ସମ୍ମାନିତ କରାଯିବା ସମାଜରେ ଏକ ସୁସ୍ଥ ପରମ୍ପରା ସୃଷ୍ଟି କରିବ ବୋଲି ମତ ଦେଇଥିଲେ। ପରିଶେଷରେ ଆର୍ଯ୍ୟ ସମାଜ ପକ୍ଷରୁ ଆୟୋଜକ ଦିଲୀପ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

### ବୋଲଗଡ଼ରେ ମକର ମିଳନ

**ବୋଲଗଡ,୧୫।୧(ଡି.ଏନ.ଏ.):** ଉତ୍ତରାୟନର ଅୟାମାରମ୍ଭ ମକରସଂକ୍ରାନ୍ତି ପର୍ବରେ ବୁଧବାର ବୋଲଗଡ ବ୍ଲକର ବଭିନ୍ନ ସ୍ଥାନରେ ମକରଚାଉଳ ଭୋଗ ବଣ୍ଟନ ହୋଇ ଭାଇଚାରା ଭାବ ଦେଖିବାକୁ ମିଳିଥିଲା । ଏହି ପର୍ବରେ ବାଙ୍କୋଇ ତାରେଶ୍ୱରଦେବଙ୍କ ମନ୍ଦିରଠାରେ ମକର ଚାଉଳ ଭୋଗଲାଗି ହୋଇଥିଲା। ମନ୍ଦିର ପରିସରରେ ଉପସ୍ଥିତ ଶ୍ରଦ୍ଧାଳୁ ମାନେ ମକର ଚାଉଳ ଭୋଗ ପାଇବା ସହିତ ପରସ୍ପରକୁ ଶୁଭେଚ୍ଛା ଜଣାଉଥିବାର ଦେଖିବାକୁ ମିଳିଥିଲା । ପ୍ରତିବର୍ଷ ଭଳି ବୋଲଗଡ ଠାରେ ନନ୍ଦିଘୋଷ ଅନୁଷ୍ଠାନ ପକ୍ଷରୁ ମକର ମିଳନ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କବିତା ପାଠୋତ୍ସବରେ ଉପସ୍ଥିତ କବୟିତ୍ରୀ ଓ କବି ମାନେ ସ୍ୱରଚିତ କବିତା ପାଠ କରିଥିଲେ ।

### ଭାଜପାର ମଣ୍ଡଳସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ

**ବୋଲଗଡ,୧୫।୧(ଡି.ଏନ.ଏ.):**ବୋଲଗଡ ବ୍ଲକ କଡବ ଠାରେ ବୁଧବାର ଭାଜପା ପକ୍ଷରୁ ପିଚୁକୁଳି ମଣ୍ଡଳସ୍ତରୀୟ କର୍ମି ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଚଳିତ ନିର୍ବାଚନରେ ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ଭାଜପାର ବିଧାୟକ ପ୍ରାର୍ଥୀ ହୋଇଥିବା ରିଷଭ ନନ୍ଦଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥିରେ ଭୁବନେଶ୍ୱର ଏମପି ଅପରାଜିତା ଷଡଙ୍ଗୀ ,ପାର୍ଟିର ଖୋର୍ଦ୍ଧା ଜିଲା ସଭାପତି ରଶ୍ମୀରଞ୍ଜନ ମହାପାତ୍ର ,ପିଚୁକୁଳି ମଣ୍ଡଳ ସଭାପତି ସେଖ ଦୌଲତ ଅଲ୍ଲୀ, ସ୍ଥାନୀୟ ନେତା ଲୋତକ ବିନ୍ଦୁ ପଟ୍ଟନାୟକ ପ୍ରମୁଖଙ୍କ ସମେତ ପିଚୁକୁଳି ମଣ୍ଡଳର ବିଭିନ୍ନ ବୁଥ ଅଞ୍ଚଳର ଭାଜପା କର୍ମକର୍ତ୍ତା ଓ କର୍ମି ମାନେ ଯୋଗ ଦେଇଥିଲେ। ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପାଇଁ ଦଳର ସଂଗଠନକୁ ବୃଦ୍ଧି କରିବାକୁ ନେତା ମାନେ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ କର୍ମୀମାନେ ଜନସାଧାରଣଙ୍କୁ ବୁଝାଇବା ପାଇଁ କୁହାଯାଇଥିଲା।

# ଆଜିଠାରୁ ୩ଟି ପର୍ଯ୍ୟାୟରେ ହେବ ବିଦ୍ୟୁତ୍ କାଟ

**ନୟାଗଡ଼ ଅଫିସ,୧୫।୧**



ଖଣ୍ଡପଡ଼ା ରୋଡସ୍ଥିତ ସେସୁ ପ୍ରାଇମେରୀ ସବ୍‌ଷ୍ଟେଶନ।

- ୪୪ ହଜାର ଉପଭୋକ୍ତାଙ୍କ ୫୨ କୋଟି ଟଙ୍କା ବକେୟା
- ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ପାଇଁ ୩୪ ହଜାର ଉପଭୋକ୍ତାଙ୍କୁ ଦିଆଯାଇଛି ନୋଟିସ

ନୟାଗଡ଼ ଜିଲା ସେସୁ ପକ୍ଷରୁ ଗୁରୁବାରଠାରୁ ବକେୟା ବିଲ୍ ଥିବା ବିଦ୍ୟୁତ୍ ଉପଭୋକ୍ତାଙ୍କର ବିଦ୍ୟୁତ୍ କାଟ କରାଯିବ। ୩ଟି ପର୍ଯ୍ୟାୟରେ ବିଦ୍ୟୁତ୍ କାଟ ହେବ। ପ୍ରଥମ ପର୍ଯ୍ୟାୟରେ ବିଦ୍ୟୁତ୍ ବିଲ୍‌ର ବକେୟା ଟଙ୍କା ଦେଇ ନ ଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକର ବିଦ୍ୟୁତ୍ କାଟ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ଲୋଡ୍‌ଥିବା ଘରୋଇ ଉପଭୋକ୍ତାଙ୍କର ଓ ତୃତୀୟ ପର୍ଯ୍ୟାୟରେ ଅନ୍ୟ ଉପଭୋକ୍ତାଙ୍କର ବିଦ୍ୟୁତ୍ କାଟ କରାଯିବ। ନୟାଗଡ଼ ସେସୁ ଅଧୀନରେ ୧୬ଟି ସେକ୍ସନ ଥିବାବେଳେ ୨ ଲକ୍ଷ ୨ ହଜାର ୪୨୮ ଜଣ ଉପଭୋକ୍ତା ଅଛନ୍ତି। ନଭେମ୍ବର ଶେଷ ସୁଦ୍ଧା ସେମାନଙ୍କ ମଧ୍ୟର ୪୪ହଜାର ଉପଭୋକ୍ତାଙ୍କ ୫୨ କୋଟି ୮୨ ଲକ୍ଷ ୧୪ ହଜାର ୬୦୩ ଟଙ୍କା ବାକି ରହିଛି। ସେହିପରି ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟର ୨ କୋଟି ୭୭ ଲକ୍ଷ ୨୯ ହଜାର ୯୩୩ ଟଙ୍କା ବକେୟା ରହିଛି। ଏ ନେଇ ବିଭିନ୍ନ ସମୟରେ ସେସୁ ପକ୍ଷରୁ ବିଭାଗ ଓ ଉପଭୋକ୍ତାମାନଙ୍କୁ ଅବଗତ କରାଯାଇଥିଲେ ମଧ ଏଥିରେ କୌଣସି ଫରକ ପଡ଼ିନାହିଁ। ହେଲେ ଗତ ଡିସେମ୍ବର ୧୦ ତାରିଖରେ ବକେୟା ବିଲ୍ ରଖିଥିବା ଉପଭୋକ୍ତାଙ୍କ ଜାନୁୟାରୀ ୧୬ରେ ବିଦ୍ୟୁତ୍ ସଂଯୋଗ କଟା ହେବା ନେଇ ଘୋଷଣା ହେବା ପରେ ଜିଲା ସେସୁ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୪୪ ହଜାର ଗ୍ରାହକଙ୍କ ୫୨ କୋଟି ଟଙ୍କା ବକେୟା ଥିବା ନେଇ ସେସୁ ନିର୍ବାହୀଯନ୍ତ୍ରୀ ସୁଜିତ କୁମାର ସାହୁ ପ୍ରକାଶ କରିଛନ୍ତି। ୩୪ ହଜାର ଗ୍ରାହକଙ୍କୁ ଏ ନେଇ ନୋଟିସ୍ ଦିଆଯାଇଛି। ପାଖାପାଖି ୧୦ ହଜାର ଗ୍ରାହକ ଡିସେମ୍ବରରେ ପେମେଣ୍ଟ କରିଥିବା ନେଇ ସୂଚନା ଦେଇଥିଲେ। ବିଦ୍ୟୁତ କାଟ ହେବା ପୂର୍ବରୁ ସମସ୍ତ ବିଲ୍ ପଇଠ କରିବା ପାଇଁ ସେସୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନୁରୋଧ କରାଯାଇଥିବା ବେଳେ ଏ ନେଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ମଧ ଲୋକଙ୍କୁ ଅବଗତ କରାଯାଇଛି। ଗୁରୁବାରଠାରୁ ବିଦ୍ୟୁତ୍ କାଟ କରାଯିବ ବୋଲି ସେସୁ ପକ୍ଷରୁ ସୂଚନା ଦିଆଯାଇଛି।

# ରାସ୍ତା ନିର୍ମାଣକୁ ନେଇ ୨ ଗାଁ ମୁହାଁମୁହିଁ

**ରଣପୁର,୧୪।୧(ସ୍ୱ.ପ୍ର.)**

- ଡ୍ରାଇଭର ସହ ଜେସିବିକୁ ନେଇଗଲେ
- ଥାନାରେ ଅଭିଯୋଗ ପରେ ନାହିଁ ପଦକ୍ଷେପ

ରାସ୍ତା ନିର୍ମାଣକୁ ନେଇ ରଣପୁର ଥାନାର ରାଧାମୋହନପୁର ଓ ବାଲିଆ ଗାଁ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। କାମ ଚାଲୁଥିବାବେଳେ ଗୋଟିଏ ଗୋଷ୍ଠୀର ଲୋକେ ଡ୍ରାଇଭର ସହ ଜେସିବିକୁ ନେଇଯାଇଛନ୍ତି। ଏହାକୁ ନେଇ ଦୁଇ ଗାଁ ମଧ୍ୟରେ ଉତ୍ତେଜନା ଘନୀଭୂତ ହେବାରେ ଲାଗିଛି। ନ୍ୟାୟ ପାଇଁ ରାଧାମୋହନପୁର ବାସିନ୍ଦା ସୁନାଖଳା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ସୁଫଳ ନ ପାଇବାରୁ ବୁଧବାର ରଣପୁର ଥାନାରେ ପୁଣି ଅଭିଯୋଗ କରିଛନ୍ତି। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଗୁରୁବାର ସୁଦ୍ଧା ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେଲେ ଗ୍ରାମବାସୀ ଥାନା ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ ରାଧାମୋହନପୁର ଗାଁଟି ତାଲକଣୀ ପଞ୍ଚାୟତରେ ରହିଥିବାବେଳେ ବାଲିଆ ଗାଁ ଖଇରପଲ୍ଲୀ ପଞ୍ଚାୟତରେ ରହିଛି । ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ଖଇରପଲ୍ଲୀ ପଞ୍ଚାୟତରୁ ୪ଲକ୍ଷ ଟଙ୍କା ମଞ୍ଜୁର ହୋଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାଁରେ କାର୍ଯ୍ୟାଦେଶ ଦିଆଯାଇଛି। କାମ ଚାଲୁଥିବାବେଳେ ବାଲିଆ ଗାଁର କିଛି ଲୋକ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ରାଧାମୋହନପୁର ବାସିନ୍ଦା ଗତ ୬ ତାରିଖରେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଏହା ସହିତ ଗତ ୧୩ ତାରିଖରେ ପୁନର୍ବାର ସେମାନେ ରଣପୁର ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ରଖିଥିଲେ। ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲାପାଳ କହିବା ପରେ ଗ୍ରାମବାସୀ ଗତ ୧୪ ତାରିଖରୁ ପୁଣି କାମ ଆରମ୍ଭ କରିଥିଲେ । ତେବେ ରାସ୍ତା କାମ ଚାଲୁଥିବା ସମୟରେ ବାଲିଆର କିଛି ବ୍ୟକ୍ତି ଜେସିବି ଚାଳକଙ୍କୁ ମାଡ଼ ମାରି କାମ ବନ୍ଦ କରାଇଥିଲେ। ପରେ ସେମାନେ ଜେସିବି ସହ ଡ୍ରାଇଭରଙ୍କୁ ନିଜ ହେପାଜତକୁ ନେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ରାଧାମୋହନପୁର ଗାଁର ଉମେଶ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର ଖୁଣ୍ଟିଆ ପ୍ରମୁଖ କୁହନ୍ତି, ଥାନା ଓ ଫାଣ୍ଡିରେ ଅଭିଯୋଗ ପରେ ସୁଫଳ ମିଳିନାହିଁ। ତେଣୁ ବାଧହୋଇ ଆମେ ଥାନା ଘେରାଉ କରିବାକୁ ନିଷ୍ପତ୍ତି ନେଇଛୁ।

## ■ ଠାକୁରଙ୍କ ପହିଲି ଭୋଗ ନୀତି ବନ୍ଦ
# ସିଦ୍ଧେଶ୍ୱର ମହାଦେବ ଦକ୍ଷିଣକୁ ଢଳିଲେ



ଦକ୍ଷିଣକୁ ଢଳିଛନ୍ତି ସିଦ୍ଧେଶ୍ୱର ମହାଦେବ।

**ଖଣ୍ଡପଡ଼ା,୧୫।୧(ସ୍ୱ.ପ୍ର.)**

ପ୍ରତିବର୍ଷ ଜାନୁୟାରୀ ୧୪ କିମ୍ବା ୧୫ ତାରିଖରେ ପାଳନ କରାଯାଏ ମକର ସଂକ୍ରାନ୍ତି ପର୍ବ । ସାରା ରାଜ୍ୟରେ ଏହି ପର୍ବ ଧୁମ୍‌ଧାମରେ ପାଳନ କରାଯାଏ। ଖଣ୍ଡପଡା ଓ କଣ୍ଟିଲୋ ଅଞ୍ଚଳରେ ବୁଧବାର ପାଳିତ ହୋଇଛି ମକର ପର୍ବ। ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି ମକର ଚାଉଳ ଭୋଗ। ନୂଆ ଚାଉଳ, କଦଳୀ, ନଡିଆ, ଛେନା ଓ ଲିଆ କିମ୍ବା ମୁଆଁ ନେଇ ମକର ଚାଉଳ ଭୋଗ ପ୍ରସ୍ତୁତ କରାଯାଇଥାଏ। ଏହାକୁ ବିଭିନ୍ନ ଦେବଦେବୀଙ୍କୁ ଅର୍ପଣ କରାଯିବା ପରେ ପରିବାରର ସମସ୍ତ ସଦସ୍ୟ ସେବନ କରିଥାନ୍ତି । ତେବେ ଏହି ସଂକ୍ରାନ୍ତିର ଅନ୍ୟ ଏକ ଆକର୍ଷଣ ହେଉଛି ନୀଳମାଧବ ଜୀଉଙ୍କ ମନ୍ଦିରରେ ବିରାଜିତ ସିଦ୍ଧେଶ୍ୱର ମହାଦେବଙ୍କ ପାର୍ଶ୍ୱ ପରିବର୍ତ୍ତନ । ଏହି ଠାକୁରଙ୍କ ମହିମା ଅବର୍ଣ୍ଣନୀୟ । କପିଳ ସଂହିତାରେ ଉଲ୍ଲେଖ ଅଛି ଯେ, ସିଦ୍ଧେଶ୍ୱରଙ୍କ ଲିଙ୍ଗ ସୂର୍ଯ୍ୟଙ୍କ ଗତିର ବିପରୀତ ଦିଗକୁ ଆପେ ଆପେ ଢଳିଥାଏ । ସୂର୍ଯ୍ୟ କର୍କଟ ସଂକ୍ରାନ୍ତିଠାରୁ ଦକ୍ଷିଣକୁ ଓ ମକର ସଂକ୍ରାନ୍ତିଠାରୁ ଉତ୍ତର ଦିଗକୁ ଗତି କରିଥାନ୍ତି। ନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁର ସିଦ୍ଧେଶ୍ୱର ମହାଦେବଙ୍କ ଲିଙ୍ଗଟି ଆପଣା ଛାଏଁ ସୂର୍ଯ୍ୟଙ୍କ ଗତିର ବିପରୀତ ଦିଗକୁ ଢଳିଥିଲା। ମକର ସଂକ୍ରାନ୍ତିରେ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହୋଇଥିବାରୁ ସିଦ୍ଧେଶ୍ୱର ମହାଦେବଙ୍କ ଲିଙ୍ଗଟି ଦକ୍ଷିଣ ଦିଗକୁ ଢଳିଥିବା ଦେଖାଯାଇଛି। ଦୂରରୁ ଦେଖିଲେ ଏହି ଲିଙ୍ଗର ଗତି ମଧ ସ୍ପଷ୍ଟ ଜଣାପଡିଥାଏ। ଏହାଛଡା ଶ୍ରୀ ନୀଳମାଧବ ଜୀଉଙ୍କ ଧନୁ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ପହିଲି ଭୋଗ ନୀତି ପରମ୍ପରା ଅନୁଯାୟୀ ଆଜି (ବୁଧବାର)ଠାରୁ ବନ୍ଦ ହୋଇଛି । ମକର ସଂକ୍ରାନ୍ତି ଅବସରରେ ଶ୍ରୀ ଜୀଉଙ୍କ ମକର ଚାଉଳ ଓ ୮୪ ପ୍ରକାର ବ୍ୟଞ୍ଜନ ଲାଗି ହୋଇଥିବା ଜଣାପଡିଛି ।

# ମକର ସଂକ୍ରାନ୍ତିରେ ପଡ଼େନାହିଁ ଶ୍ରୀରଘୁନାଥଜୀଉଙ୍କ ଦିବା ପହୁଡ଼

**ଓଡ଼ଗାଁ,୧୫।୧(ସ୍ୱ.ପ୍ର.)**



ଶ୍ରୀରଘୁନାଥଜୀଉ।

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ବୁଧବାର ମକର ସଂକ୍ରାନ୍ତି ଅବସରରେ ଦିନ ତମାମ ଖୋଲା ରହିଥିଲା। ଫଳରେ ଶ୍ରଦ୍ଧାଳୁମାନେ ଦିନତମାମ ଶ୍ରୀଜୀଉଙ୍କୁ ଦର୍ଶନ ଲାଭ କରିଥିଲେ। ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହେଉଥିବା ପରିପ୍ରେକ୍ଷୀରେ ମନ୍ଦିର ପରମ୍ପରା ଅନୁସାରେ ବର୍ଷର ଗୋଟିଏ ଦିନ ଶ୍ରୀଜୀଉଙ୍କ ଦିବା ପହୁଡ ପଡିନଥାଏ ।

ମକର ପର୍ବ ନୀତି ଅନୁସାରେ ଭୋର ସାଢେ ୪ଟାରେ ଦ୍ୱାର ଫିଟା ନୀତି ଆରମ୍ଭ ହୋଇ ୫ଟାରେ ମଙ୍ଗଳଆଳତି, ପଞ୍ଚାମୃତସ୍ନାନ, ମହାସ୍ନାନ, ତଡପଲାଗି, ମଇଲମ, ଖଟଶୀ ନୀତି କରାଯାଇଥିଲା। ଏଥିସହ ଶ୍ରୀଜୀଉମାନଙ୍କୁ ମଣ୍ଡାମାଳ ଲାଗି କରାଯାଇ ମକରବେଶରେ ସଜ୍ଜିତ କରାଯାଇଥିଲା । ସକାଳ ୬ଟାରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶ୍ରୀ ଭାଗବତଜୀଉ ପୂଜାପରେ ବଲ୍ଲଭ ନୀତି ଲାଗି ହୋଇଥିଲା । ପରେ ଖେଚୁଡି ଧୂପ, କର୍ପୁର ଆଳତୀ, ମହାଆଳତୀ, ଚାମର ସେବା ନୀତି ସମାପନ ହୋଇଥିଲା । ସନ୍ଧ୍ୟାରେ ପ୍ରଭୁଙ୍କ ମକର ବେଢାନୀତି ହୋଇଥିଲା । ୩ଜଣ ପୂଜା ପଣ୍ଡା ନିଷ୍ଠାର ସହ ଶ୍ରୀଜୀଉଙ୍କ ଆଜ୍ଞାମାଳ ପାଇ ସରା ପାତ୍ରରେ ମକର, ସାକର, ଦହି ଓ ପାନକୁ ଯୋଡ ହସ୍ତରେ ଧରି ପାଟବସ୍ତ୍ର ଘୋଡାଇ ଏକ ସ୍ୱତନ୍ତ୍ର ପଟୁଆରରେ ଘଣ୍ଟ, କାହାଳୀ, ତ୍ରାସ, ଛତି, ସଂକୀର୍ତ୍ତନ ସହ ୩ବେଢା ମନ୍ଦିର ପରିକ୍ରମା କରି ଶ୍ରୀଜୀଉଙ୍କୁ ଲାଗି କରିଥିଲେ । ଦିବା ପହୁଡ ରାତ୍ର ୯ଟାବେଳେ କରାଯାଇ ପୁନଶ୍ଚ ରାତ୍ର ୧୦ବେଳେ ଦ୍ୱାର ଫିଟା ହୋଇ ଆବଶ୍ୟକୀୟ ନୀତି ପାଳନ ପୂର୍ବକ ୧୦.୩୦ରେ ବଡ ସିଂଘାର ନୀତି ପରେ ପହୁଡ ପଡିଥିଲା । ପାଳିଆ ପଣ୍ଡା ତଥା ପୂଜକ ପରିଷଦ ସମ୍ପାଦକ ସୁବେଦାର ବିଜୟ କୁମାର ଦାଶ, ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ପୂଜକ ପରିଷଦର ସମସ୍ତ କର୍ମକର୍ତ୍ତା ନୀତିକାର୍ଯ୍ୟ ସମ୍ପାଦନ କରିଥିଲେ।




ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ରଣପୁର ଗ୍ରା.ପ. ତଥା ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
**ଅଜିତ କୁମାର ସାମଲ**
ଉପସଭାପତି, ବିଜୁ ଯୁବ ଜନତା ଦଳ, ବିଞ୍ଝାରପୁର



ପବିତ୍ର ବରୁଣେଶ୍ୱର ମେଳା ଅବସରରେ କଲ୍ୟାଣପୁର ଗ୍ରା.ପ. ତଥା ବିଞ୍ଝାରପୁର ବ୍ଲକର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
**ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ରାଉତ**
ସମିତି ସଭ୍ୟ, କଲ୍ୟାଣପୁର ଗ୍ରାମପଞ୍ଚାୟତ, ବିଞ୍ଝାରପୁର



ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭେଚ୍ଛା ।
**ଲେନିନ ଦାସ**
ଛାତ୍ରନେତା, ବିଜେଡି, ବିଞ୍ଝାରପୁର

ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ଖରିଆ ପ୍ରାଥମିକ କୃଷି ସମବାୟ ସମିତି ଲିଃ ଅଧୀନରେ ସମସ୍ତ ଚାଷୀଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।


**ସମୀର ମଲ୍ଲିକ**
ସମ୍ପାଦକ, ଖରିଆ ପ୍ରାଥମିକ କୃଷି ସମବାୟ ସମିତି ଲିଃ. ମାଁସଡା, ବିଞ୍ଝାରପୁର



ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
**ରଞ୍ଜନ କୁମାର ଜେନା**
ସମ୍ପାଦକ, ଯୁବ ବିଜେଡି, ବିଞ୍ଝାରପୁର



ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ମାଁସଡା ଗ୍ରା.ପ. ତଥା ବିଞ୍ଝାରପୁର ବ୍ଲକର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
**ଦିଲ୍ଲୀପ ରାଉଳ**
ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ନେତା ବିଜେଡି, ବିଞ୍ଝାରପୁର

ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।


**ମିନତୀ ଜଗଦେବ**
ମଣ୍ଡଳ ଉନ୍ନୟନ ଅଧିକାରିଣୀ ତଥା ଭାରପ୍ରାପ୍ତ ତହସିଲଦାର, ବିଞ୍ଝାରପୁର

ପବିତ୍ର ମକର ସଂକ୍ରାନ୍ତି ଓ ବରୁଣେଶ୍ୱର ମେଳା ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଅଭିଭାବକ, ଶିକ୍ଷାବିତ ଓ ଛାତ୍ରଛାତ୍ରୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭେଚ୍ଛା ।


**ରେଣୁବାଳା ଦେଈ**
ମଣ୍ଡଳ ଶିକ୍ଷା ଅଧିକାରିଣୀ ତଥା ପ୍ରଧାନ ଶିକ୍ଷୟିତ୍ରୀ, ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ, କଲ୍ୟାଣପୁର, ବିଞ୍ଝାରପୁର

**ସଂକ୍ଷେପରେ**

## ଶ୍ରୀସତ୍ୟସାଇ ସେବା ସମିତିରେ ମକର ମିଳନ

**ଓଡ଼ଗାଁ,୧୫।୧(ସ୍ୱ.ପ୍ର.)**-ଓଡ଼ିଶା ରାଜ୍ୟ ଶ୍ରୀସତ୍ୟସାଇ ସେବା ସଂଗଠନ ସଭାପତି ନାରାୟଣ ସରଙ୍କ ଅନୁମୋଦନ କ୍ରମେ ନୟାଗଡ ଜିଲା ଓଡ଼ଗାଁ ଶ୍ରୀସତ୍ୟସାଇ ସେବା ସମିତିରେ ମଙ୍ଗଳବାର ମକର ମିଳନ ସହିତ ସାଇ ବର୍ଷାରମ୍ଭରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୋର ସମୟରେ ଓଁକାର, ସାଇ ସୁପ୍ରଭାତମ୍ ସହିତ ଷୋଡଶଉପଚାର ପୂଜାର୍ଚ୍ଚନା ପୂର୍ବକ ପ୍ରଶାନ୍ତୀ ପତାକା ଉତ୍ତୋଳନ କରାଯାଇଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ସାଇଭଜନରେ ସମବେତ ହୋଇଥିବା ବେଳେ ମକର ମିଳନ ଉତ୍ସବ ପାଳନ କରିଥିଲେ । ଏହି ଅବସରରେ ଚନ୍ଦନ କୁମାର ପାତ୍ର ନୂତନ ବର୍ଷ ନିମନ୍ତେ ଆବାହକ ଭାବେ ଶପଥ ପାଠ କରିଥିଲେ । ଏହା ସହିତ ନୂତନ ଆବାହକଙ୍କ ଅନୁମୋଦନ କ୍ରମେ ପଦ୍ମ ଲୋଚନ ପ୍ରଧାନ ଓ ମମତା ସାହୁ (ମହିଳା)ସେବା ସଂଯୋଜକ, କୈଳାଶ ପାତ୍ର ଓ ଉଷାରାଣୀ ପଣ୍ଡା(ମହିଳା) ଆଧାତ୍ମିକ ସଂଯୋଜକ, ଅରୁପ କୁମାର ପଟ୍ଟନାୟକ (ଯୁବ ସଂଗଠକ), ବିଜୟ ଲକ୍ଷ୍ମୀ ସାମଲ(ମହିଳା ଯୁବା ସଂଯୋଜିକା), ପ୍ରଦୀପ୍ତ କୁମାର ପତ୍ତଙ୍ଗ(ପାଠଚକ୍ର ସଂଯୋଜକ), ଦିପ୍ତିରାଣୀ ସୁବୁଦ୍ଧି (ଶିକ୍ଷା ସଂଯୋଜିକା), ସନ୍ତୋଷ ପାତ୍ର, ଧିଳନ ପାତ୍ର, ଲୋକନାଥ ବେହେରା, ଗୌରାଙ୍ଗ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜକ ଭାବେ ଶପଥ ପାଠ କରିବା ସହିତ ଆଗାମୀ ବର୍ଷରେ ନାରାୟଣ ସେବା, ମନ୍ଦିର ସେବା ଓ ସାମୁହିକ ସାମାଜିକ ସେବାକୁ ତ୍ୱରାନ୍ୱିତ କରିବା ନିମନ୍ତେ ସହମତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଶ୍ରୀସତ୍ୟସାଇ ଆଧାତ୍ମିକ ଶିକ୍ଷା ଓ ସେବା ସଂଗଠନ ସଭାପତି ଆଦର୍ଶ କୁମାର ପଟ୍ଟନାୟକଙ୍କ ସହିତ ବହୁ ପୁରାତନ ସଦସ୍ୟ ଉପସ୍ଥିତ ରହି ନୂତନ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ମା'କାଳିଜାଈଙ୍କ ପୀଠରେ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ

**ବାଲୁଗାଁ,୧୫।୧(ଡି.ଏନ.ଏ.):** ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା'କାଳିଜାଈଙ୍କ ପୀଠରେ ବୁଧବାର ପାରମ୍ପରିକ ରୀତିରେ ପବିତ୍ର ମକରମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ଦର୍ଶନ ନିମନ୍ତେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ମଧ୍ୟାହ୍ନରେ ଏହି ପର୍ବର ମୁଖ୍ୟ ପୁରୋଧା ତଥା ପାରିକୁଦ ଯୁବରାଜ ସନ୍ତୋଷ କୁମାର ମାନସିଂହ ଏକ ସୁସଜ୍ଜିତ ବୋଇତରେ ପାରିକୁଦ ରାଜପ୍ରାସାଦରୁ ବାହାରି ମା'ଙ୍କ ପୀଠରେ ପହଞ୍ଚିଥିଲେ । ମା'ଙ୍କ ପୀଠରେ ସେ ଛେରାପହଁରା କରିବା ସହ ପୂଜାର୍ଚ୍ଚନା କରିଥିଲେ।

# ମକର ପର୍ବ: ଭାଇଚାରା ସୃଷ୍ଟିର ପରମ୍ପରା

**ଖଣ୍ଡପଡ଼ା,୧୫।୧(ସ୍ୱ.ପ୍ର.)**

ପର୍ବପର୍ବାଣି ପାଳନରେ କିଛି ନା କିଛି ଧର୍ମ ଓ ବିଜ୍ଞାନସମ୍ମତ ମତ ରହିଛି। ଏଥି ମଧ୍ୟରୁ 'ମକର ସଂକ୍ରାନ୍ତି ବା ମକରପର୍ବ' ହିନ୍ଦୁମାନଙ୍କର ଏକ ବଡ ପର୍ବ। ଏହା ଏକ ଗଣପର୍ବ ଭାବେ ପରିଚିତ । ମକର ସଂକ୍ରାନ୍ତି ଦିନ ସ୍ନାନ, ପୁଣ୍ୟ, ଦାନ, ଜପ, ଧର୍ମ କାର୍ଯ୍ୟର ଯଥେଷ୍ଟ ମହତ୍ତ୍ୱ ରହିଛି । ଜନଶ୍ରୁତି ଅନୁଯାୟୀ ଏହି ଦିନ ଯଜ୍ଞରେ ଦିଆଯାଉଥିବା ଦ୍ରବ୍ୟକୁ ଅସ୍ୱାଦନ କରିବା ନିମନ୍ତେ ଦେବତାମାନେ ଧରାପୃଷ୍ଠକୁ ଅବତରଣ କରିଥାନ୍ତି। ଏହି ପର୍ବରେ ମୁଖ୍ୟ ଭୋଗ ମକର ଚାଉଳ । ମକର ସଂକ୍ରାନ୍ତି ଆମ ରାଜ୍ୟର ଏକ କୃଷିଭିତ୍ତିକ ପର୍ବ । କୃଷକ ବର୍ଷସାରା ପରିଶ୍ରମ କରି ଅମଳ କରିଥିବା ଶସ୍ୟକୁ ଘରକୁ ଆଣିଥାଏ। ପ୍ରଥମ ଶସ୍ୟକୁ ଖାଇବା ପୂର୍ବରୁ ପ୍ରଥମେ ଚାଷୀ ତା'ର ଇଷ୍ଟ ଦେବତାଙ୍କୁ ମକର ଚାଉଳ ମାଧ୍ୟମରେ ସମର୍ପଣ କରିଥାଏ। ଏହି ପରମ୍ପରାକୁ ଉଜ୍ଜୀବିତ କରିବା ନିମନ୍ତେ ପ୍ରତିବର୍ଷ ଏହି ସଂକ୍ରାନ୍ତିରେ ବିଭିନ୍ନ


ପିଲାମାନେ ପରସ୍ପରକୁ ମକର ଚାଉଳ ଖୁଆଉଛନ୍ତି।

ଦେବଦେବୀ ପୀଠରେ ମକର ଚାଉଳ ଭୋଗ କରାଯାଏ। ଏହି ଅବସରରେ ବୁଧବାର କଣ୍ଟିଲୋ, ଖଣ୍ଡପଡା ଓ ଏହାର ଆଖପାଖ ଅଞ୍ଚଳରେ ସୂର୍ଯ୍ୟ ଉପାସନା କରିବା ସହ ମକରଚାଉଳ ପୂଜା କରାଯାଇଥିଲା । ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର । ସେ ହେଉଛନ୍ତି ଜୀବଜଗତର ରକ୍ଷା କର୍ତ୍ତା। ଏହିଦିନ ସୂର୍ଯ୍ୟ ଉପାସନା ସହିତ ମକର ଚାଉଳ ପୂଜା କରିବାର ବିଧି ରହିଛି। ଏଥିରେ ନୂଆ ଚାଉଳ, ଗୁଡ, ନଡ଼ିଆ, ଛେନା, ପାଚିଲା କଦଳୀ, କର୍ପୂର, ଖଣ୍ଡଆଖୁ, ଜାଇଫଳ, ବରକୋଳି ଓ ଅନ୍ୟାନ୍ୟ ଫଳ ପକାଇ ତାକୁ କ୍ଷୀର ଦ୍ୱାରା ମିଶ୍ରଣ କରି ମକର ଚାଉଳ ପ୍ରସ୍ତୁତ କରାଯାଏ । ଏହି ନୂଆ ଚାଉଳ ପ୍ରସ୍ତୁତ ଭୋଗକୁ ଇଷ୍ଟ ଦେବତା, ଘର ଇସାଣ, ଚଉରା ମୂଳ ଓ ଖଳା ବାଡିରେ ଅର୍ପଣ କରାଯାଇଥିଲା । ମକର ସଂକ୍ରାନ୍ତିଠାରୁ ସୂର୍ଯ୍ୟଙ୍କର ତେଜ ପ୍ରଖର ହେଉଥିବାରୁ ଶରୀରର ହଜମ ଶକ୍ତି ବୃଦ୍ଧି ପାଇଥାଏ। ମକର ଚାଉଳ ଖାଇବା ଦ୍ୱାରା ଶରୀରରୁ ପିତ୍ତ ନାଶ ହେବା ସହିତ ଗ୍ୟାସ୍ ଜନିତ ସମସ୍ତ ରୋଗରୁ ମୁକ୍ତି ମିଳିଥାଏ । ଆଜିର ଦିନରେ ମକର ଚାଉଳ ଭୋଗ ଜଣେ ଅନ୍ୟ ଜଣକୁ ଖୁଆଇ ମକର ବସିଥାନ୍ତି । ଏହା ଦ୍ୱାରା ଅନ୍ୟ ପରିବାର ସହିତ ବନ୍ଧୁତା ସ୍ଥାପନ ହୋଇଥାଏ ଏବଂ ସମାଜରେ ଭାଇଚାରା ସୃଷ୍ଟି ହୋଇଥାଏ। ଏହି ପରମ୍ପରା କାହିଁ କେଉଁ କାଳରୁ ଚାଲି ଆସିଛି । ଏହି ପରମ୍ପରା ଅନୁଯାୟୀ ଆଜି ଅନେକ ଯୁବତୀଯୁବକ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ ମହିଳାପୁରୁଷ ନୀଳମାଧବ ମନ୍ଦିରରେ ଶ୍ରୀ ଜୀଉଙ୍କୁ ଦର୍ଶନ କରି ପରସ୍ପରକୁ ମକରଚାଉଳ ପ୍ରଦାନ କରି ସମ୍ପର୍କ ସ୍ଥାପନ କରିଥିଲେ। ବେଣାଗାଡିଆ ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିଆପଲ୍ଲୀଠାରେ ଦୁଇଦିନ ବ୍ୟାପୀ ଏହି ପର୍ବ ପାଳିତ ହେଉଛି। ବାଣପୁର ପଞ୍ଚାୟତର ଚୈତନ୍ୟପୁର ଓ ଅନ୍ୟ କେତେକ ସ୍ଥାନରେ ଏହି ଉତ୍ସବ ପାଳନ କରାଯାଉଛି।

## ରାମଚରିତ ମାନସ ନବାହ୍ନ ପାରାୟଣ

**ଖଣ୍ଡପଡ଼ା,୧୫।୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ କିଆଝର ପଞ୍ଚାୟତ ଗୋଛାବାରିର ରାମଦୟା ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ସଙ୍କଟମୋଚନ ହନୁମାନ ପୀଠରେ ଗତ ୭ ତାରିଖଠାରୁ ଆରମ୍ଭ ହୋଇଥିବା ୧୯ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ମହାଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ମଙ୍ଗଳବାର ନିକଟସ୍ଥ କାଦୁଆ ଅଞ୍ଚଳର ପୌରାଣିକ ନାଟକ ମହୀରାବଣ ବଧ ପରିବେଷିତ ହୋଇଥିଲା । ସେହିପରି ଉଦ୍‌ଯାପନୀ ଦିବସ ଅବସରରେ ନୟାଗଡ କୃଷ୍ଣ ପ୍ରସାଦ ଅଞ୍ଚଳର ରାମଲୀଳା ନାଟକ ଇନ୍ଦ୍ରଜିତ ବଧ ପରିବେଷଣ କରାଯାଇଥିଲା। ଅପରାହ୍ନ ପ୍ରାୟ ସାଢେ ୫ଟାରେ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ଗୋଛାବାରି ଗ୍ରାମ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।


ନବାହ୍ନ ପାରାୟଣ ଓ ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ କରାଯାଉଛି।

# ଇଟାମାଟି କପ୍ ଫୁଟବଲ: ଖୋର୍ଦ୍ଧା ବିଜୟୀ



**ନୟାଗଡ଼ ଅଫିସ,୧୫।୧**

ଇଟାମାଟି ଯଦୁମଣି ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ବାମନ ଅବକାଶ ହାଇସ୍କୁଲ ପଡ଼ିଆଠାରେ ରାଜ୍ୟସ୍ତରୀୟ ଇଟାମାଟି କପ୍ ଫୁଟବଲ୍ ଟୁର୍ନାମେଣ୍ଟ ଚାଲୁ ରହିଛି। ବୁଧବାର ତୃତୀୟ ଦିବସରେ ଯୁଥ୍ ସ୍ପୋର୍ଟସ କ୍ଲବ ବାଇଗୁଣିଆ ଓ କୋଶଳାଶୁଣି କ୍ଲବ ଖୋର୍ଦ୍ଧା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ଦଳ ୧-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଉଭୟ ଦଳ ପରସ୍ପରକୁ ଗୋଲ୍ ସ୍କୋର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ଗୋଲ୍ ସ୍କୋର ହୋଇ ନ ଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ ଖୋର୍ଦ୍ଧା ଦଳର ୭ ନମ୍ବର ଖେଳାଳି ଗଙ୍ଗାଧର ପ୍ରଧାନ ବିପକ୍ଷ ଦଳକୁ ଗୋଲ୍ ଦେଇଥିଲେ। ଏହା ପରେ ଆଉ କୌଣସି ଗୋଲ୍‌ସ୍କୋର ହୋଇ ନ ଥିଲା। ଫଳରେ ଖୋର୍ଦ୍ଧା ଦଳ ୧-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥିଭାବେ ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର କହଁର, ଗଙ୍ଗାଧର ପଣ୍ଡା, ବିକାଶ କୁମାର ବେହେରା, ଲକ୍ଷ୍ମଣ ମଲ୍ଲ, ଦୁର୍ଯ୍ୟୋଧନ ବେହେରା, ଆଶିଷ କୁମାର ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ । ରେଫରି ଭାବେ ସୁକାନ୍ତ କୁମାର ମିଶ୍ର, ଏସ୍.କେ. ଅବଦୁଲ ଅହମ୍ମଦ, ସୁକାନ୍ତ କୁମାର ପ୍ରଧାନ, ଆଦିତ୍ୟ ରଞ୍ଜନ ସାହୁ ଖେଳକୁ ପରିଚାଳନା କରିଥିଲେ। ଖୋର୍ଦ୍ଧା ଦଳର ଗଙ୍ଗାଧର ପ୍ରଧାନଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଥିଲା।

# ରଣପୁରରେ ମକରମେଳା ଆରମ୍ଭ

**ରଣପୁର,୧୫।୧(ସ୍ୱ.ପ୍ର.)**

ରଣପୁର ବ୍ଲକ ବ୍ରଜରାଜପୁର ପଞ୍ଚାୟତର ଶ୍ୟାମଘନପୁର ଗ୍ରାମରେ ପ୍ରସିଦ୍ଧ ମକର ମେଳା ମକର ସଂକ୍ରାନ୍ତି ବୁଧବାରଠାରୁ ଆରମ୍ଭ ହୋଇଛି। ଗ୍ରାମର ପ୍ରସିଦ୍ଧ ଠାକୁରାଣୀ ମା' ତାରିଣୀ ଦେବୀଙ୍କୁ ପାହାଡରେ ପୂଜାର୍ଚ୍ଚନା କରାଯାଇ ଶୋଭାଯାତ୍ରାରେ ନିଆଯାଇଥିଲା। ଏହା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ମକର ପର୍ବ ଅଞ୍ଚଳର ପୁରପଲ୍ଲୀରେ ପାଳନ କରାଯାଇଛି। ରଣପୁର ଜଗନ୍ନାଥ ମନ୍ଦିର, ହନୁମାନ ଜୀଉ ଓ ବଧି ବାଲୁଙ୍କେଶ୍ୱର ମନ୍ଦିରରେ ମକର ମିଳନ ଅନୁଷ୍ଠିତ ହୋଇଥିଲା।

# ବିଭିନ୍ନ ସ୍ଥାନରେ ମକରମେଳା

**ଗଣିଆ,୧୫।୧(ଡି.ଏନ.ଏ.)**

ଗଣିଆ ବ୍ଲକ ୱାଲିପୁରସ୍ଥିତ ମା' ଚିରିଣୀ ଠାକୁରାଣୀଙ୍କ ପୀଠରେ ବୁଧବାର ମକରମେଳା ଉଦ୍‌ଘାଟିତ ହୋଇଯାଇଛି। ମକର ସଂକ୍ରାନ୍ତି ଉପଲକ୍ଷେ ଏଠାରେ ତିନିଦିନ ଧରି ଏହି ମେଳା ଅନୁଷ୍ଠିତ ହେବ। ବ୍ଲକରେ ଏହି ମେଳା ପ୍ରସିଦ୍ଧ ହୋଇଥିବାରୁ ଏଠାରେ ଜନସମାଗମ ବଢିବାରେ ଲାଗିଛି। ଗ୍ରାମଦେବତୀ ମା'ଙ୍କଠାରେ ପୂଜାର୍ଚ୍ଚନା କରାଯାଇ ମେଳାର ଶୁଭାରମ୍ଭ କରାଯାଇଥିଲା। ରାଉତପଡ଼ାସ୍ଥିତ ପ୍ରଭୁ ଭୋଳେଶ୍ୱରଙ୍କୁ ନିମନ୍ତ୍ରଣ କରାଯାଇ ପୂଜାର୍ଚ୍ଚନା କରାଯିବା ସହିତ ନାମ ସଂକୀର୍ତ୍ତନ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଠାକୁରଙ୍କୁ ମଣ୍ଡପରେ ଅବସ୍ଥାନ କରାଯାଇ ପରମ୍ପରା ମୁତାବକ ମକର ଚାଉଳ ପୂଜା କରାଯାଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା। ଏହି ମେଳାରେ ତିନିଦିନ ଧରି ନାଟକ ମଞ୍ଚସ୍ଥ ହେବ। ଏପରି କି ତିନି ଦିନ ଯାକ ଦିନତମାମ ଦୁଆରୀ, ମହାଭାରତ, ବାଦୀ, ସଂକୀର୍ତ୍ତନ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଯାତ୍ରା କମିଟିଠାରୁ ସୂଚନା ମିଳିଛି।


ଭାପୁର ବେଗୁନିଆ ଗ୍ରାମରେ ବାଲୁଙ୍କେଶ୍ୱର ଦେବଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

**ଦଶପଲ୍ଲା,୧୫।୧(ଡି.ଏନ୍.ଏ.):** ଦଶପଲ୍ଲା ବ୍ଲକର ବାଣିଗୋଛାରେ ମକର ଯାତ୍ରା ଉତ୍ସବ ବୁଧବାର ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇଛି। ବାଣିଗୋଛାସ୍ଥିତ ଶ୍ରୀ ଶ୍ରୀ ଯୋଗେଶ୍ୱର ମହାପ୍ରଭୁଙ୍କ ଏହି ଯାତ୍ରା ଉତ୍ସବ ମକର ମହୋତ୍ସବ କମିଟି ସାତପଲ୍ଲୀ ନେତୃତ୍ୱରେ ଚାଲୁରହିଛି। ଯାତ୍ରାପଡ଼ିଆରେ ବିଭିନ୍ନ ଅସ୍ଥାୟୀ ଦୋକାନ ଖୋଲିଛି। ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦୀର୍ଘବର୍ଷ ହେଲା ଏହି ଯାତ୍ରା ଉତ୍ସବ ସେଠାରେ ଚାଲୁରହିଛି। ଉକ୍ତ ଯାତ୍ରାରେ ଆଖପାଖ ଅଞ୍ଚଳ ସହ ଆଦିବାସୀବହୁଳ ଅଞ୍ଚଳରୁ ବହୁ ଲୋକଙ୍କ ସମାଗମ ହୋଇଥାଏ। ଚଳିତ ବର୍ଷ ୫ ଦିନ ଧରି ଏହି ଯାତ୍ରା ଉତ୍ସବ ଚାଲିବ।

**ଭାପୁର,୧୫।୧(ଡି.ଏନ.ଏ.):** ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ବେଗୁନିଆ ଗ୍ରାମରେ ବୁଧବାରଠାରୁ ପ୍ରସିଦ୍ଧ ମକର ମେଳା ଆରମ୍ଭ ହୋଇଛି। ଗ୍ରାମର ଆରାଧ୍ୟ ଦେବତା ବାବା ବାଲୁଙ୍କେଶ୍ୱର ଦେବଙ୍କ ବିଜେ ପ୍ରତିମା ତାଙ୍କ ବିଜେସ୍ଥଳୀରୁ ଗ୍ରାମ ମଧ୍ୟଭାଗକୁ ଅଣାଯାଇ ସେଠାରୁ ବାଣ, ରୋଷଣୀ ଓ ନାଚଗୀତ ସହ ପଟୁଆରରେ ଶ୍ରଦ୍ଧାଳୁମାନେ ଗ୍ରାମ ପରିକ୍ରମା କରାଇ ମନ୍ଦିରଠାରେ ପହଞ୍ଚିଥିଲେ। ବୁଧବାର ଅପରାହ୍ନରେ ଗ୍ରାମ ଯାତ୍ରା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହଜାର ହଜାର ଭକ୍ତ ଏହି ପଟୁଆରରେ ସାମିଲ ହୋଇଥିଲେ। ଏହି ଯାତ୍ରା ୭ ଦିନ ଧରି ଚାଲିବ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟେଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍‌ଙ୍କ ଖୋଲା ଘୋଷଣା
ବାବା ଆମିଲ ସୁଫି
9540938429
8800979262

BUSINESS

2003ରୁ ଆପଣଙ୍କ ସେବାରେ
TOWER VISION CO.
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
073762-57896
094994-92906
ADDRESS: T-51, GAUTAMPURI, DELHI

FINANCE
ଭାରତୀୟ ମୁଦ୍ରା ଯୋଜନା ଅଧୀନରେ
1% ସୁଧ
50% ଛାଡ଼
073763-45374
087219-21764

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ
ସବୁ ପ୍ରକାର ଋଣ
2% ସୁଧ - 40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କସିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ । ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ–2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

ASTROLOGY
ଗୁରୁ ସାହି ଖାନ୍
9818298397
9953959390

EDUCATION
Nursing | Fire Safety
OT.TECH, DM.L.T TECH, PHRAMACY, I.C.U, DIALYSIS, E.C.G, G.N.M
Fire & Safety Engg. Tech., Fire and Industrial Safety Management
Hospital Practical, Hostel, Transport Facility Available Here
KIMS, KHANDAGIRI, BBSR
8658179869
7752094125

ଶକ୍ତିର ଦେଖନ୍ତୁ ଚମତ୍କାର
2 ଘଣ୍ଟାରେ 100% ସମାଧାନ
7578028866
ବାବା କବିର ଖାନ
8527425449

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
ବାବା ଅଲାଉଦ୍ଦିନ ବଙ୍ଗାଲି
8376889657
9971793786

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
8743922900
9899587663

BALAJI FINANCE (Reg.No. KA4535FDH852KL)
2% ସୁଧ ଏବଂ 40% ଛାଡ
9415512879

COLOR DISPLAY CLASSIFIED
ON EVERY TUESDAY & FRIDAY

DHARITRI Career appointment Every Wednesday and Saturday

JOB JOB
ଶିବାନୀ SMS ଜବ୍ ପାର୍ଟ ଟାଇମ୍/ଫୁଲ୍ ଟାଇମ୍ JOB ALL ଓଡ଼ିଶାର ସବୁ ଜିଲ୍ଲା ଅନୁସାରେ ପୁଅ/ଝିଅ, ବେରୋଜଗାର, ଗୃହିଣୀ, ବେରୋଜଗାରୀ/ମାନ୍ଦାବସ୍ଥା ସମୟରେ ଆୟର ସୁବର୍ଣ୍ଣ ସୁଯୋଗ 15,000/-ରୁ 20,000/- ରୋଜଗାର କରନ୍ତୁ । ଲାପଟପ୍, ମୋବାଇଲ, ବାଇକ୍ ମାଗଣା । ଅନ୍‌ଲାଇନ୍ SMS କରନ୍ତୁ । ଜବ୍ ଆଇ.ଡି. ପାଇଁ ଯୋଗାଯୋଗ କରନ୍ତୁ ।
7265982706
7064678575


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।